**ସଂକ୍ଷେପରେ**

## ନଦୀରେ ବୁଡ଼ି ୧୦ମ ଶ୍ରେଣୀ ଛାତ୍ର ନିଖୋଜ

**ବରୀ,୧୩।୧୧ (ମହେନ୍ଦ୍ର ସ୍ୱାଇଁ):**

ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସ୍ୱାଇଁଖଣ୍ଡ ପଞ୍ଚାୟତ କଳାଖଣ୍ଡ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀର ଭୂୟାଁ ଗଣ୍ଡରେ ବୁଧବାର ବୁଡ଼ିଯାଇ ଜଣେ ୧୦ମ ଶ୍ରେଣୀ ଛାତ୍ର ନିଖୋଜ ହୋଇ ଯାଇଛନ୍ତି। ସେ ହେଲେ ବାଲିଆ ପଞ୍ଚାୟତ ଆଖଡ଼ାଡିହ ଗ୍ରାମର ଅଶୋକ ଦାସଙ୍କ ପୁଅ ଆଲୋକ ଦାସ। ନଦୀ କୂଳରେ ସମ୍ପୃକ୍ତ ଛାତ୍ରଙ୍କ ସ୍କୁଲ ବ୍ୟାଗ ପଡ଼ିଥିବା ଦେଖିବାକୁ ମିଳିଛି। ବରୀ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ଛାତ୍ରଙ୍କୁ ଉଦ୍ଧାର କରିପାରିନାହାନ୍ତି। ଅନ୍ଧାର ହୋଇଯିବାରୁ ଖୋଜାଖୋଜି କାର୍ଯ୍ୟ ବନ୍ଦ ରହିଛି। ଗୁରୁବାର ପୁଣି ଖୋଜାଖୋଜି କରାଯିବ ବୋଲି ଅଗ୍ନିଶମ ବାହିନୀ ପକ୍ଷରୁ କୁହାଯାଇଛି। ଛାତ୍ର ଜଣକ ନହଣ ହାଇସ୍କୁଲରେ ପଢୁଥିଲେ।

# ଚଣ୍ଡିଆ ପାହାଡ଼ରୁ ମୂର୍ତ୍ତି ପଥର ଚାଲାଣ

**ଚଣ୍ଡିଖୋଲ,୧୩।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ଦର୍ପଣ ତହସିଲ ଅନ୍ତର୍ଗତ ଚଣ୍ଡିଆ ପାହାଡ଼ ଏବେ ଚୋରାପଥର ବ୍ୟବସାୟୀଙ୍କ କବଜାରେ ରହିଛି। ଏହି ପାହାଡ଼ରେ ଦାମୀ ମୂର୍ତ୍ତି ତିଆରି ପଥର ମିଳୁଥିବାରୁ ଚୋରା ପଥର ବ୍ୟବସାୟୀଙ୍କ ନଜର ପାହାଡ ଉପରେ ପଡିଛି। ପାହାଡ଼ର କୌଣସି ଅଂଶ ଲିଜ ଦିଆ ଯାଇ ନ ଥିବାବେଳେ ମୂର୍ତ୍ତି ପଥର ଚୋରା ଚାଲାଣ ବୃଦ୍ଧି ପାଉଛି। ଏଠାରୁ ମିଳୁଥିବା ପଥରରେ ବିଭିନ୍ନ ପ୍ରକାର ମୂର୍ତ୍ତି ନିର୍ମାଣ ହୋଇଥାଏ। ତେଣୁ ଗୋଟିଏ ଟ୍ରାକ୍ଟରରେ ଯାଉଥିବା ପଥରର ମୂଲ୍ୟ ୨୫ ହଜାର ଟଙ୍କା ହୋଇଥିବାବେଳେ ବଡ଼ ଟ୍ରକରେ ଯାଉଥିବା ପଥର ୫୦ ହଜାରରୁ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ପୂର୍ବରୁ ପାହାଡ଼ଗୁଡ଼ିକ ତହସିଲ ପକ୍ଷରୁ ନିଲାମ ଦିଆଯାଉଥିବା ବେଳେ ଏବେ ଏହା ଖଣି ବିଭାଗ ଅଧୀନକୁ ଯାଇଛି। ଖଣି ବିଭାଗର କାର୍ଯ୍ୟାଳୟ ଏଠାରୁ ୫୦ କି.ମି. ଦୂରରେ ଅବସ୍ଥିତ। ସେଥିପାଇଁ ମାଫିଆ ନିର୍ଦ୍ୱନ୍ଦ୍ୱରେ ଦିନରାତି ପଥର ଖନନ କରି ଚୋରାରେ ବ୍ୟବସାୟ ଚଳାଇଛନ୍ତି। ଏଠାରୁ ବାହାରୁଥିବା ବଡ଼ବଡ଼ ପଥର ଖଣ୍ଡ ଗୁଡ଼ିକ ମୂର୍ତ୍ତି ନିର୍ମାଣ ପାଇଁ ଯାଉଥିବା ବେଳେ ବୋଲଡର ଓ ମୋରମ ରାସ୍ତା କାର୍ଯ୍ୟ ପାଇଁ ବ୍ୟବହାର ହେଉଛି। କେବଳ ସେତିକି ନୁହେଁ ଏହାର ପାଖ ମଝିପଡ଼ା ପାହାଡରୁ ମଧ୍ୟ ବେଆଇନ ଭାବେ ଖନନ କରି ରାତିରେ ମୋରମ ଚାଲାଣ ହେଉଛି। ଖଣି ବିଭାଗ, ରାଜସ୍ୱ ବିଭାଗ ଓ ପୋଲିସ ଏ ବିଷୟରେ ଅବଗତ ଥିଲେ ମଧ୍ୟ କେହି ରୋକିବା ପାଇଁ ପ୍ରଚେଷ୍ଟା କରୁନାହାନ୍ତି। ଯେଉଁଥି ପାଇଁ ବିପୁଳ ଟଙ୍କାର ରାଜସ୍ୱ ହାନି ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଯାଜପୁର ରୋଡ ଖଣି ବିଭାଗର ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।


ଚଣ୍ଡିଆ ପାହାଡ଼।

# ଡାକ୍ତରଖାନା ଗୃହ ଦଖଲ କରିଥିବା ବ୍ୟକ୍ତିଙ୍କୁ ବାହାର କରାଗଲା


ଜବରଦଖଲ ହଟାଇବାକୁ ଆସିଥିବା ପୋଲିସ ଟିମ୍ ଓ ଜେସିବି।

**ବାଲିଚନ୍ଦ୍ରପୁର,୧୩।୧୧ (ଗିରିଜା ପ୍ରସାଦ ସାହୁ):**

ବାଲିଚନ୍ଦ୍ରପୁର ଥାନା ମଝିପଡ଼ା ପଞ୍ଚାୟତର ଉଦୟଗିରି ଡାକ୍ତରଖାନା ଗୃହକୁ ଦଖଲ କରିଥିବା ବ୍ୟକ୍ତିଙ୍କ ଉପରେ ପ୍ରଶାସନିକ ପଦକ୍ଷେପ ନିଆଯାଇଛି। ବୁଧବାର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଉକ୍ତ ଗୃହରୁ ବାହାର କରାଯାଇଛି। ସେ ହେଲେ ଉଦୟଗିରି ଗ୍ରାମର ଅଶୋକ କୁମାର ଦଳେଇ। ଅଶୋକ କିଛି ବର୍ଷ ହେବ ଉଦୟଗିରି ଡାକ୍ତରଖାନା ପରିସରରେ ଥିବା ଏକ କୋଠରୀରେ ପରିବାର ସହ ବସବାସ କରୁଥିଲେ। ଏବେ ଡାକ୍ତରଖାନାର ଗୃହ ନିର୍ମାଣ ଓ ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ସରିବା ପରେ ଜଣେ ଠିକାଦାରଙ୍କୁ କାର୍ଯ୍ୟଭାର ଦିଆଯାଇଛି। ଆସନ୍ତା ୨୪ ତାରିଖରେ ଉକ୍ତ କାର୍ଯ୍ୟର ଶିଳାନ୍ୟାସ କରାଯିବାକୁ ସ୍ଥିର ହୋଇଥିବା ଜଣାପଡ଼ିଛି। ଏଥିପୂର୍ବରୁ ପ୍ରଶାସନିକ ତତ୍ପରତା ପୂର୍ବକ ଦର୍ପଣ ତହସିଲ ପକ୍ଷରୁ ଅଶୋକଙ୍କୁ ବାରମ୍ବାର ନୋଟିସ କରାଯିବା ପରେ ଅଶୋକ ଯାଜପୁର ଉପଜିଲାପାଳଙ୍କ କୋର୍ଟର ଆଶ୍ରୟ ନେଇଥିଲେ। ତେବେ ଅଶୋକଙ୍କ ଆବେଦନପତ୍ର ଉପଜିଲାପାଳଙ୍କ କୋର୍ଟରେ ଖାରଜ ହେବା ପରେ ପୁନଃଶ୍ଚ ତହସିଲ ପ୍ରଶାସନ ପକ୍ଷରୁ ବୁଧବାର ଉକ୍ତ ଗୃହ ଖାଲି କରିବା ପାଇଁ ଅଶୋକଙ୍କୁ ନୋଟିସ ଦିଆଯିବା ସହ ବାଲିଚନ୍ଦ୍ରପୁର ଥାନାକୁ ଚିଠି କରାଯାଇଥିଲା। ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ବାଲିଚନ୍ଦ୍ରପୁର ଥାନାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ଓ ଜେସିବି ମେଶିନ ଘଟଣାସ୍ଥଳରେ ପହଞ୍ଚିଥିଲା। ଉକ୍ତ ବ୍ୟକ୍ତିଙ୍କୁ ସେଠାରୁ ବାହାର କରିବା ପାଇଁ ଅଧିକାରୀମାନଙ୍କୁ ଦିନ ତମାମ ବୁଝାଶୁଝା କରିବାକୁ ପଡ଼ିଥିଲା। ସେ ବାହାରି ଯିବାପରେ ଉକ୍ତ ଗୃହକୁ ତାଲା ପକାଇ ଜଉମୁଦ ଦେଇ ସିଲ କରାଯାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ମାତ୍ର ଉକ୍ତ ଘରକୁ ଭଙ୍ଗାଯାଇନାହିଁ। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ ଓ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏ ନେଇ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ପଚାରିବାରେ ସେ କହିଛନ୍ତି, ଡାକ୍ତରଖାନା ରିନୋଭେସନ ପାଇଁ ସରକାରଙ୍କ ତରଫରୁ ବ୍ୟବସ୍ଥା ହୋଇଥିବାରୁ ଏଥିପୂର୍ବରୁ ସରକାରୀ ବିଧିବ୍ୟବସ୍ଥା ଅନୁସାରେ କାର୍ଯ୍ୟ କରାଯାଇଛି।

# ନାବାଳିକାଙ୍କୁ ବଳାତ୍କାର ଘଟଣାରେ ବାପା ଗିରଫ

**ବିଞ୍ଝାରପୁର,୧୩।୧୧ (ରାମକୃଷ୍ଣ ଦାସ):**

ନିଜ ନାବାଳିକା ଝିଅଙ୍କୁ ବଳାତ୍କାର କରିଥିବା ବାପାଙ୍କୁ ବିଞ୍ଝାରପୁର ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ନାବାଳିକାଙ୍କ ମା' ଓ ବାପାଙ୍କ ମଧ୍ୟରେ ୮ ବର୍ଷ ମନୋମାଳିନ୍ୟ ରହିଥିଲା। ଫଳରେ ବିଭିନ୍ନ ସମୟରେ ସେମାନଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ସୋମବାର ରାତିରେ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଫଳରେ ଅଭିଯୁକ୍ତ ମାଡ଼ମାରି ତାଙ୍କ ସ୍ତ୍ରୀଙ୍କୁ ଘରୁ ବାହାରକରି ଦେଇଥିଲେ। ପରେ ତାଙ୍କ ନାବାଳିକା ଝିଅଙ୍କୁ ବଳାତ୍କାର କରିଥିଲେ। ଏନେଇ ନାବାଳିକାଙ୍କ ମା' ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଥିଲା। ଏନେଇ ଥାନାରେ ନଂ.୬୦୬।୨୪ରେ ଏକ ମାମଲା ରୁଜୁ ହୋଇଛି।

# ତାରିଣୀ ମନ୍ଦିରର ଗର୍ଭଗୃହ ପ୍ରତିଷ୍ଠା

**କାଳିଆପାଣି,୧୩।୧୧ (ଅସିତ ମହାନ୍ତ):**

ଓଡ଼ିଶା ଖଣି ନିଗମର କାଳିଆପାଣି ଟାଉନଶିପ କଲୋନୀ ପରିସରରେ ତାରିଣୀ ମନ୍ଦିରର ଗର୍ଭ ଗୃହ ପ୍ରତିଷ୍ଠା କରାଯାଇଛି। ରମେଶ ସ୍ୱାଇଁ ସସ୍ତ୍ରିକ ଗର୍ଭଗୃହ ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ହୋଇଥିବାବେଳେ ସୂର୍ଯ୍ୟକାନ୍ତ ମିଶ୍ର ମୁଖ୍ୟ ପୂଜକ ଥିଲେ। ସାମ୍ବାଦିକ ବିଶ୍ୱଜିତ ନାୟକଙ୍କ ପ୍ରଚେଷ୍ଟା ଓ ଖଣିନିଗମ ଆଞ୍ଚଳିକ ପରିଚାଳକ ଆଶିଷ ସାମନ୍ତରାୟଙ୍କ ନିର୍ଦ୍ଦେଶରେ କାଳିଆପାଣି ନିର୍ମାଣ ବିଭାଗ ମୁଖ୍ୟ ଭାଗିରଥି ମାଝୀ ଓ ଉପମୁଖ୍ୟ ସନ୍ତୋଷ କୁମାର ଦାସ ଗର୍ଭ ଗୃହ ନିର୍ମାଣ କରାଇଥିଲେ। ଶିଳ୍ପୀ କୈଳାସ ନାୟକଙ୍କ ନିଖୁଣ ପ୍ରଚେଷ୍ଟାରେ ଗର୍ଭ ଗୃହ ନିର୍ମାଣ ହୋଇଥିଲା। ଗର୍ଭଗୃହ ପ୍ରତିଷ୍ଠା ସହ ବୃଷଭଙ୍କ ଜୀବନ୍ୟାଶ କରାଯାଇଥିଲା। ଖଣି ନିଗମ ଦକ୍ଷିଣ କାଳିଆପାଣି ଖଣି ପରିଚାଳକ ଗଣେଶ୍ୱର ଭୂୟାଁ ଉପସ୍ଥିତ ରହି ପୂଜାପାଠ କରିଥିଲେ। ଖଣି ନିଗମ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବେହେରା, ନିରୁକେସ ମିଶ୍ର, ଲବଙ୍ଗ ଡାଙ୍ଗୁଆ, ସାଗରିକା ଦାସ, ସାମ୍ବାଦିକ ଅସିତ ମହାନ୍ତ, ଦୟାନିଧି ମହାନ୍ତ ଓ ଖଣି ନିଗମ ଠିକାଦାର ସମୂହ ଉପସ୍ଥିତ ରହି ପ୍ରତିଷ୍ଠା ଉତ୍ସବକୁ ପରିଚାଳନା କରିଥିଲେ।


ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଦୀପ୍ତ


@ ସୁନୀଲ


@ ସୁଶାନ୍ତ


@ ଟିନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ



ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

**କଳିଙ୍ଗନଗର,୧୩।୧୧ (ଶୁଭାଶିଷ ରାଉତ) :**

ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଯାଜପୁର ଜିଲା ଦାନଗଦୀ ବ୍ଲକ ଚାନ୍ଦିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆଚାନ୍ଦିଆ ଗ୍ରାମରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏହା ଆଖପାଖ ପରିବାରର ପାଖାପାଖି ୫୦ ଜଣ ପିଲାଙ୍କୁ ପ୍ରାରମ୍ଭିକ ଶୈଶବ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସାମଗ୍ରିକ ଶିଶୁ ବିକାଶ ସେବା ପ୍ରଦାନ କରିବ। ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ)ର କର୍ପୋରେଟ ସର୍ଭିସେସ ମୁଖ୍ୟ ଦେବଦୂତ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର ୱାର୍କର୍ସ ୟୁନିୟନ (ଟିଏସକେଡବ୍ଲ୍ୟୁୟୁ)ର ସଭାପତି ରବୀନ୍ଦ୍ର କୁମାର ଜାମୁଦା, ଦାନଗଦୀର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ନନ୍ଦିନୀପ୍ରଭା ଲେଙ୍କା, ଚାନ୍ଦିଆ ପଞ୍ଚାୟତର ସରପଞ୍ଚ ପାଣ୍ଡୁ ସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ଷ୍ଟିଲର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦଙ୍କ ସମେତ ଅନ୍ୟ ଟିଏସ୍‌କେ, ଟିଏସ୍‌ଏଫ୍ ଓ ଟିଏସ୍‌କେଡବ୍ଲ୍ୟୁୟୁ ଅଧିକାରୀ, ସ୍ଥାନୀୟ କମ୍ୟୁନିଟି ସଦସ୍ୟ, ଅଙ୍ଗନୱାଡି କର୍ମୀ ଓ ଶିଶୁମାନେ ଉପସ୍ଥିତ ଥିଲେ। ଟାଟା ଷ୍ଟିଲ ଫାଉଣ୍ଡେଶନ ସହାୟତାରେ ନିର୍ମିତ ଏହି ନୂତନ ଅଙ୍ଗନୱାଡି କେନ୍ଦ୍ର ଭବିଷ୍ୟତରେ ସ୍ଥାନୀୟ ଅଞ୍ଚଳର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ସ୍ଥାନୀୟ ଅଞ୍ଚଳର ଛୋଟ ପିଲାଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସ୍ଥିତିରେ ଉନ୍ନତି ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କଳିଙ୍ଗନଗର ଅଞ୍ଚଳରେ ପ୍ରାରମ୍ଭିକ ଶିଶୁଯତ୍ନ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ସ୍ଥାୟୀ ଓ ପ୍ରଭାବଶାଳୀ ପଦକ୍ଷେପ ମାଧ୍ୟମରେ ସାମାଜିକ ବିକାଶ ଏବଂ ଭବିଷ୍ୟତ ପିଢ଼ିକୁ ସଶକ୍ତ କରିବା ଦିଗରେ ଟାଟା ଷ୍ଟିଲର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି ବୋଲି ମତପ୍ରକାଶ ପାଇଛି।

# ସାକ୍ଷର ଶିଶୁ ପାଇଁ ଗାଁରୁ ପ୍ରୟାସ ଆବଶ୍ୟକ

### ଶିଶୁ ଅନୁକୂଳ ପଞ୍ଚାୟତ ସମ୍ପର୍କିତ କର୍ମଶାଳା

**ରସୁଲପୁର,୧୩।୧୧ (ରଂଜିତ ରାଉତ):**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ 'ଶିଶୁ ଅନୁକୂଳ ପଞ୍ଚାୟତ' ସମ୍ପର୍କିତ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ୨୦୩୦ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଦେଶଭାବରେ ଗଢି ତୋଳିବା ପାଇଁ ଦୀର୍ଘସ୍ଥାୟୀ ବିକାଶର ସ୍ଥାନୀୟକରଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ମର୍ମରେ ସମଗ୍ର ବିକାଶକୁ ୯ ଥିମ୍‌ରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ଶିଶୁ ଅନୁକୂଳ ଥିମ୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ମନେକରାଯାଉଛି। ଶିଶୁଙ୍କ ବିକାଶ କ୍ଷେତ୍ରରେ ଯେଉଁ ପଞ୍ଚାୟତ ଉନ୍ନତ ପ୍ରଦର୍ଶନ କରିଛନ୍ତି, ସେସବୁ ପଞ୍ଚାୟତର ସଫଳତାକୁ ଶୀର୍ଷରେ ପହଞ୍ଚାଇବା ପାଇଁ କର୍ମଶାଳା ଜରିଆରେ ତାଲିମ ପ୍ରଦାନ କରାଯାଇଛି। ସୁସ୍ଥ, ସୁରକ୍ଷିତ, ସାକ୍ଷର ଶିଶୁ ଗଢି ତୋଳିବାରେ ଗାଁରୁ ପ୍ରୟାସ ହେବାର ଆବଶ୍ୟକତା ରହିଛି। ଏ ଦିଗରେ ପଞ୍ଚାୟତ ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

ଗାଁରେ ବାଲ୍ ସଭା, ମହିଳା ସଭା ଆଦି ଆୟୋଜନ କରି ସେମାନଙ୍କ ସମସ୍ୟାକୁ ସ୍ୱତନ୍ତ୍ର ଭାବରେ ଲିପିବଦ୍ଧକରି ତାକୁ ସଫଳରୂପାୟନ କରିପାରିଲେ ଶିଶୁଙ୍କ ବିକାଶ ହୋଇପାରିବ। ଏହାଛଡ଼ା ଜନ୍ମରୁ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ଯୋଜନା ଯଥା; ଟିକାକରଣ, ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ କିଶୋର ଯୋଜନା, ଖୁସି, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଅମ୍ଳାନ, ନିରାମୟ, ନିଦାନ, ଅତିରିକ୍ତ ପୁଷ୍ଟିକରଣ, ପୋଷଣ ଅଭିଯାନ, ମଧ୍ୟାହ୍ନଭୋଜନ, ସର୍ବଶିକ୍ଷା ଅଭିଯାନ, ଉତ୍ଥାନ, ଉତ୍କର୍ଷ, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଓ ଛାତ୍ର ବୃତ୍ତି, ବାଣିଶ୍ରୀ, ବେଟି ବଚାଓ ବେଟି ପଢାଓ, ବିଜୁ କନ୍ୟାରତ୍ନ ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଉକ୍ତ ଯୋଜନା ଜରିଆରେ ଗାଁର ଶିଶୁଙ୍କ ବିକାଶ ଘଟାଇବା ସହ ଅବହେଳିତ ଶିଶୁଙ୍କୁ ଚିହ୍ନଟକରି ସେମାନଙ୍କ ଉଦ୍ଦେଶ୍ୟରେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରି ପଦକ୍ଷେପ ନେବାକୁ ସମ୍ବଳ ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଶିଶୁ କମିଟି ଗଠନ କରାଯାଇ ଜନପ୍ରତିନିଧିମାନଙ୍କ ସହ ଅନ୍ୟ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀ ମିଳିତ ଭାବରେ କାର୍ଯ୍ୟ କଲେ ଶିଶୁ ଅନୁକୂଳ ପଞ୍ଚାୟତ ଗଠନ ପ୍ରୟାସ ସଫଳ ହୋଇପାରିବା ସହ ଏ ଦିଗରେ ସରକାରଙ୍କ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି କୁହାଯାଇଛି। ଏଠାରେ ଆୟୋଜିତ କର୍ମଶାଳାକୁ ଭାରପ୍ରାପ୍ତ ବିଡିଓ ନିରଞ୍ଜନ ସାହୁ ଉଦ୍‌ଘାଟନ କରି ପ୍ରଶିକ୍ଷଣ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବଳ ଅଧିକାରୀ ଭାବେ ଏବିଡିଓ ଦିବ୍ୟକାନ୍ତି ମିଶ୍ର, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ, ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ଅନୁକୂଳ ପଞ୍ଚାୟତ ଗଠନର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶିବିରରେ ସରପଞ୍ଚ, ୱାର୍ଡସଭ୍ୟାସଭ୍ୟ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।


କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ନ୍ୟାୟ ଦାବିରେ ଥାନାରେ ବୃଦ୍ଧାଙ୍କ ଆତ୍ମାହୁତି ଉଦ୍ୟମ

## ପାରାଦୀପ ଥାନାରୁ ନ୍ୟାୟ ମିଳିବାରେ ବିଳମ୍ବ ଘଟଣା

### ୪ବର୍ଷ ହେଲା ମଦ ବ୍ୟବସାୟୀ ଟଙ୍କା ନେଇ ଫେରାଉନାହାନ୍ତି

**ପାରାଦୀପ, ୧୩।୧୧ (ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବୃନ୍ଦାବନ କଲୋନିର ଜଣେ ଅନୁସୂଚିତ ଜନଜାତି ବୃଦ୍ଧା ବୁଧବାର ପୋଲିସଠାରୁ ୪ ବର୍ଷ ହେଲା ନ୍ୟାୟ ନ ପାଇବାରୁ ଶେଷରେ ଥାନା ପରିସରରେ ଆତ୍ମାହୁତି କରିବାକୁ କିରୋସିନ ଓ ଦିଆସିଲ ଧରି ପହଞ୍ଚି ଥିଲେ। ପରେ ପୋଲିସ ସମ୍ପୃକ୍ତ ବୃଦ୍ଧାଙ୍କୁ ନ୍ୟାୟ ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଘରକୁ ଫେରିଛନ୍ତି। ସମ୍ପୃକ୍ତ ଅନୁସୂଚିତ ଜନଜାତି ବୃଦ୍ଧା ହେଲେ ପାରାଦୀପ ବନ୍ଦରରୁ ଅବସର ନେଇଥିବା ସୀତା ମୁର୍ମୁ (୬୪)।

ସୀତା କରିଥିବା ଅଭିଯୋଗ ମୁତାବକ, ସେ ୨୦୨୦ରେ ଅବସର ଗ୍ରହଣ କରିବା ପରେ ଅର୍ଥ ପାଇଥିଲେ। ସେତେବେଳେ ତାଙ୍କ ଘର ପାଖରେ ମଦ ବ୍ୟବସାୟୀ ପ୍ରକାଶ ସାହୁ ସମ୍ପର୍କ ଆଧାରରେ ୪ ଲକ୍ଷ ଟଙ୍କା ଧାର ନେଇଥିଲେ। ଟଙ୍କା ୩ ମାସ ମଧ୍ୟରେ ପରିଶୋଧ କରିବେ ବୋଲି ୨ଟି ବ୍ୟାଙ୍କ ଚେକ୍ ଦେଇଥିଲେ। ସେ ଧାର୍ଯ୍ୟ ସମୟରେ ଟଙ୍କା ଫେରାଇଲେ ନାହିଁ। ସେତେବେଳେ କରୋନା କଟକଣା ଥିବାରୁ ସେହି ଆଳରେ ସମୟ ଗଡ଼ାଇ ଚାଲିଥିଲେ। ୨୦୨୩ ଅଗଷ୍ଟ ୭ରେ ଟଙ୍କା ମାଗି ନିରାଶ ହେବାରୁ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଜଣେ ଅନୁସୂଚିତ ମହିଳା ହୋଇଥିବାରୁ ଏହି ଅଭିଯୋଗର ତଦନ୍ତ ଦାୟିତ୍ୱ ପାରାଦୀପ ଡିଏସ୍‌ପି ସନ୍ତୋଷ ଜେନା ନେଇଥିଲେ। ପରେ ଜେନା ତଦନ୍ତ ପାଇଁ ସମସ୍ତ କାଗଜପତ୍ର ଓ ୨ଟି ବ୍ୟାଙ୍କ ଚେକ୍ ଆଦି ନେଲେ। ସେବେଠାରୁ ତଦନ୍ତ କରୁଛନ୍ତି। କିନ୍ତୁ ମାମଲା ରୁଜୁ କରିନାହାନ୍ତି କି ତାଙ୍କୁ ନ୍ୟାୟ ମିଳିନାହିଁ। ଏହାମଧ୍ୟରେ ଅନେକ ଥର ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ଡାକି ଘଣ୍ଟା ଘଣ୍ଟା ବସେଇ ଫେରାଇଥିଲେ। ତାଙ୍କୁ ସେ ଦେଇଥିବା ଚେକ୍ ମାଗିଥିଲେ। କାରଣ ତାକୁ ନେଇ କୋର୍ଟରେ ଆବେଦନ କରିଥାନ୍ତେ। ତାଙ୍କ ଚେକ୍ ମଧ୍ୟ ଫେରାଇଲେ ନାହିଁ। ଏହାକୁ ନେଇ ୨ ଥର ଜଗତ୍‌ସିଂହପୁର ଏସ୍‌ପିଙ୍କୁ ଭେଟିଛନ୍ତି। ସବୁବେଳେ କେବଳ ଏଥର ବୁଝିବା ବୋଲି କହୁଛନ୍ତି। ଶେଷରେ ବାଧ୍ୟ ହୋଇ ୧୫ ଦିନ ତଳେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, ଏସ୍‌ପି, ଡିଏସ୍‌ପିଙ୍କୁ ରେଜେଷ୍ଟ୍ରି ଚିଠି ଜରିଆରେ ସବୁକଥା ଲେଖି ଜଣାଇଥିଲେ। ଏ ପର୍ଯ୍ୟନ୍ତ କୌଣସି ନ୍ୟାୟ ମିଳିଲା ନାହିଁ। ବୃଦ୍ଧା ଯୋଗୁ ଧାଁ ଦୌଡ଼ କରି ପାରୁନି। ପୁଅ ମୋତେ ଘରୁ ବାହାର କରି ଦେବାକୁ ଧମକ ଦେଇଛି। ତେଣୁ ଏବେ ନିଃସହାୟ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପ ଗସ୍ତ କରିବେ ବୋଲି ଜାଣି ବୁଧବାର ଏପରି ଆତ୍ମାହୁତି ପାଇଁ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତାଙ୍କୁ ପଚାରିବାରେ ଏହା ମୋ ନଜରରେ ନ ଥିଲା। ଏବେ ଥାନାକୁ ଯାଇ ସବିଶେଷ ଘଟଣା ସମ୍ପର୍କରେ ନିଜେ ତଦନ୍ତ କରିବି। ବୃଦ୍ଧାଙ୍କୁ ନ୍ୟାୟ କିପରି ମିଳିବ ତାହା ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି।


ଥାନାକୁ ଆତ୍ମାହୁତି କରିବାକୁ ଆସିଥିବା ବୃଦ୍ଧା ସୀତା ମୁର୍ମୁ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଦୀପ୍ତ


@ ସୁନୀଲ


@ ସୁଶାନ୍ତ


@ ଟିନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗୋପୀନାଥପୁର ଶାସନରେ ତୁଳସୀ ବିବାହ, କନ୍ଦରାସୁର ପୋଡ଼ି

**ମହାକାଳପଡ଼ା, ୧୩।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ପବିତ୍ର କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ତୁଳସୀଙ୍କ ସହିତ ଭଗବାନ ବିଷ୍ଣୁଙ୍କ ଶାଳଗ୍ରାମ ରୂପେ ବିବାହ ସମ୍ପନ୍ନ କରାଯାଇଥାଏ। ଏହା ଓଡ଼ିଆ ଅସ୍ମିତାର ପରିଚୟ। ଏହି ଅବସରରେ ମହାକାଳପଡ଼ା ବ୍ଲକ ଗୋପିନାଥପୁର ଶାସନ ଗୋଷ୍ଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ତୁଳସୀ ବିବାହ ବୁଧବାର ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବ୍ରାହ୍ମଣମାନଙ୍କ ବେଦମନ୍ତ୍ରରେ ବିବାହ ସମ୍ପନ୍ନ କରାଯାଇଥିଲା। ପରେ କନ୍ଦରାସୁରଙ୍କ ପ୍ରତିମୂର୍ତ୍ତିକୁ ବାଣ ସଂଯୋଗ କରାଯାଇ ପୋଡ଼ାଯାଇଥିଲା। ଏହାକୁ ଅଞ୍ଚଳବାସୀ ମନଭରି ଉପଭୋଗ କରିଥିଲେ। ଏହି ବିବାହ କାର୍ଯ୍ୟକୁ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ଦମନ ମହାନ୍ତି ସମେତ ସାଥୀମାନେ ଆୟୋଜନ କରିଥିଲେ। ଗୋପୀନାଥପୁର ମନ୍ଦିର ସେବାୟତ ପ୍ରମୁଖଙ୍କ ସହିତ ବିଷ୍ଣୁ ମହାପାତ୍ର ବିବାହ ଓ ଅସୁର ପୋଡ଼ି କାର୍ଯ୍ୟ ପରିଚାଳନା କରିଥିଲେ। ବାଲୁକା ଶିଳ୍ପୀ ବଲ୍ଲଭ ମହାପାତ୍ରଙ୍କ ଦ୍ୱାରା ବଳରାମ ଓ ତୁଳସୀଙ୍କ ବାଲୁକା ମୂର୍ତ୍ତି ନିର୍ମାଣ କରାଯାଇଥିଲା। ରଶ୍ମିରଞ୍ଜନ ବାରିକ, ସଂସ୍କୃତି ବିଭାଗ ଅଧିକାରୀ ସଞ୍ଜୀବ କୁମାର ତରାଇ, କାଳିନ୍ଦୀ ମଲିକ, ଦେବଜ୍ୟୋତି ଦାସ, ଗୌତମ ସାହୁ, ସମ୍ରାଟ ବିପିନ ବିହାରୀ ଦାସ, ଶୁଭମ ଦାସଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



ଗୋପୀନାଥପୁର ଶାସନ ମନ୍ଦିର ସମ୍ମୁଖରେ ତୁଳସୀ ବିବାହ ଓ କନ୍ଦରାସୁର ପୋଡ଼ି।

# ଆଜି କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ


କଳିଙ୍ଗ ବାଲିଯାତ୍ରା ଲାଗି ହୋଇଥିବା ତୋରଣ ଓ ଷ୍ଟଲ।

**ପାରାଦୀପ, ୧୩।୧୧ (ଶରତ ରାଉତ)**

ପାରାଦୀପର ଅନ୍ୟତମ ପ୍ରସିଦ୍ଧ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହେବ। ଏହା ୮ ଦିନ ଧରି ଚାଲିବ। ଉକ୍ତ ମହୋତ୍ସବକୁ ଉଦ୍‌ଘାଟନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ପାରାଦୀପ ଗସ୍ତରେ ଆସିବେ। ଏ ନେଇ ଜଗତ୍‌ସିଂହପୁର ଜିଲା ପ୍ରଶାସନ ତଥା କଳିଙ୍ଗ ବାଲିଯାତ୍ରା କମିଟିର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ରମାକାନ୍ତ ଭୋଇ, ଶାରଦା ପ୍ରସନ୍ନ ଜେନା, କେନ୍ଦ୍ରାଞ୍ଚଳ ଆୟୁକ୍ତ ବି ପରମେଶ୍ୱରନ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବନ୍ଦର ଅଧ୍ୟକ୍ଷ ପି. ଏଲ. ହାରାନ୍ଧ, ଜିଲାପାଳ ଜେ. ସୋନାଲ, ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଚଳିତ ବର୍ଷ ସରକାର ବଦଳିବା ପରେ ବାଲିଯାତ୍ରାର କେତେକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଯଥା ବାଲିଯାତ୍ରାର ସମସ୍ତ ଷ୍ଟଲ ଉପରି ଭାଗ ରଙ୍ଗ ଗୈରିକ ହୋଇଛି। ପୂର୍ବରୁ ବିଜୁ ମଇଦାନ ଲେଖା ଯାଉଥିଲା। ତାହା ଚଳିତବର୍ଷ ଲେଖାଯାଇନାହିଁ। ସେହିପରି ନୂଆବଜାର ଖଣ୍ଡିଆପାର୍କଠାରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳ କେବେଠାରୁ ପରିତ୍ୟକ୍ତ ଅବସ୍ଥାରେ ଥିଲା। ତାକୁ ବୁଧବାର ଯୁଦ୍ଧକାଳୀନ ଭିତ୍ତିରେ ସଫା କରାଯାଉଛି। ରାସ୍ତା କଡ଼ରେ ଥିବା ଗଛ ଡାଳ କଟାଯିବା ସହ ପଡ଼ିଆରେ ଥିବା ବଣୁଆ ଘାସ କଟାଯାଇଛି। ପୂର୍ବବର୍ଷ ବାଲିଯାତ୍ରା ସମୟରେ ଅଠରବାଙ୍କି ଗୋଲେଇ ଛକ ପାଖରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଅଞ୍ଚଳ ସଫା କରାଯିବା ସହ ଅଞ୍ଚଳରେ ଆଲୋକୀକରଣ ଓ ସାଜସଜ୍ଜା କରାଯାଇଥାଏ। ଚଳିତ ବର୍ଷ ବୁଧବାର ରାତି ୯ଟା ସୁଦ୍ଧା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିସ୍ଥଳ ପୂର୍ବ ପରି ପରିତ୍ୟକ୍ତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ପାରାଦୀପର ଏହି କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଓ ପାରାଦୀପ ବନ୍ଦର ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ୧୯୯୨ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଆରମ୍ଭ କରିଥିଲେ। ସେଥିପାଇଁ ବାଲିଯାତ୍ରା ପଡ଼ିଆକୁ ବିଜୁ ମଇଦାନ ଭାବେ ନାମିତ କରାଯାଇଛି। ସେଠାରେ ଏକ ବଡ଼ ବିଜୁ ମୀନାର ଅଛି। ବାଲିଯାତ୍ରାରେ ଚଳିତବର୍ଷ କାର୍ଯ୍ୟକ୍ରମ ଆକର୍ଷଣୀୟ କରିବା ପାଇଁ ବଲିଉଡ଼ ଗାୟକ ସୋନୁ ନିଗମ ଆସିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଅନ୍ୟ ପ୍ରତିଷ୍ଠିତ କଳାକାରମାନେ ଆସିବେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# କବି ଅଶ୍ୱିନୀ ମିଶ୍ରଙ୍କୁ ଶ୍ରୀବଳଦେବ ସମ୍ମାନ

**କେନ୍ଦ୍ରାପଡ଼ା, ୧୩।୧୧ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦର ବୈଠକ ସହରର ଗୋପସ୍ଥିତ କମଳ ଭବନରେଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ଅଶ୍ୱିନୀ ମିଶ୍ରଙ୍କୁ ଚଳିତବର୍ଷର ଶ୍ରୀବଳଦେବ ସମ୍ମାନ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ଗାଳ୍ପିକା ସ୍ୱାଗତିକା ସ୍ୱାଇଁ, କବି ଚିତ୍ତରଞ୍ଜନ ନାୟକ, ଅନୁବାଦକ ପ୍ରଫେସର ତପନ ପଣ୍ଡା, ଗବେଷକ ଡ. ଅସୀତ ମହାନ୍ତି, କୃଷ୍ଣ ସିଂହ ମଧ୍ୟ ବିଭିନ୍ନ ସମ୍ମାନରେ ସମ୍ମାନିତ ହେବେ। ବୈଠକରେ ପରିଷଦର ସଭାପତି ଡ. ଅପର୍ଣ୍ଣା ମହାନ୍ତି, ଗାଳ୍ପିକ ଅତୁଲ ବଳ, କବି ମଧୁସୂଦନ ଦାସ, ଭୁବନ ମୋହନ ଜେନା, ସରୋଜ କୁମାର ମହାନ୍ତି, ନବଜ୍ୟୋତି ରାୟ, ପ୍ରଦୀପ ନାୟକ, ପ୍ରମୋଦ ମଲିକ, ଡ. ପ୍ରକାଶ କୁମାର ପରିଡ଼ା, ମାତୃଦତ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସରପଞ୍ଚ, ସମିତିସଭ୍ୟ ସଂଘର ଅନଶନ

## ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

**ପଟ୍ଟାମୁଣ୍ଡାଇ, ୧୩।୧୧ (କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟରେ ଗତ ୫ ତାରିଖରେ ଜଣେ ଯୁବକ ପଶି ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ଦୁର୍ବ୍ୟବହାର କରିବା ସହ ଗଣ୍ଡଗୋଳ କରିଥିଲେ। ବିଡିଓ ସାହୁ ଗଣ୍ଡଗୋଳକାରୀଙ୍କ ବିରୋଧରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ଧରି ପାରିନାହିଁ। ଅଭିଯୋଗକୁ ୮ ଦିନ ବିତି ଥିବାବେଳେ ଅଭିଯୁକ୍ତ ବାହାରେ ବୁଲୁଛନ୍ତି। ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଏପରି ଟାଳଟୁଳ ନୀତି ଯୋଗୁ ବ୍ଲକ ଜନପ୍ରତିନିଧି ଓ କର୍ମଚାରୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏ ନେଇ ବ୍ଲକର ସମିତିସଭ୍ୟ ଓ ସରପଞ୍ଚ ସଂଘ ପକ୍ଷରୁ ବୁଧବାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବ୍ଲକ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଆମରଣ ଅନଶନରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଇଛି ଅନଶନ ଜାରି ରହିବ ବୋଲି କହିଛନ୍ତି।

ପଟ୍ଟାମୁଣ୍ଡାଇ ବିଡିଓ ସାହୁଙ୍କୁ ଗତ ୫ ତାରିଖରେ ତାଙ୍କ କାର୍ଯ୍ୟାଳୟ ମଧ୍ୟରେ କାର୍ଯ୍ୟ କରୁଥିବାବେଳେ ମୂଳଗାଇଁ ଗାଁର ଜ୍ୟୋତିପ୍ରକାଶ ପ୍ରଧାନ ଦୁର୍ବ୍ୟବହାର କରିବା ସହ ଗଣ୍ଡଗୋଳ କରିଥିଲେ। ଏହା ପରେ ବିଡିଓ ଅଭିଯୁକ୍ତ ପ୍ରଧାନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ନଂ. ୩୨୭/୨୪ ରୁଜୁ କରିଛି। ଗତ ୬ ତାରିଖରେ ଗଣ୍ଡଗୋଳ ଘଟଣାର ପ୍ରତିବାଦ ଓ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକର ସମସ୍ତ କର୍ମଚାରୀ କଲମଛାଡ଼ ଆନ୍ଦୋଳନ ମଧ୍ୟ କରିଥିଲେ। ଫଳରେ ପଟ୍ଟାମୁଣ୍ଡାଇ ବ୍ଲକ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା। ଏହି ଘଟଣା ଜାଣିବା ପରେ କେନ୍ଦ୍ରାପଡ଼ା ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ହସ୍ତକ୍ଷେପ ପରେ ଅତିରିକ୍ତ ପିଡି ଦୟାସିନ୍ଧୁ ପରିଡ଼ା ଧାରଣାସ୍ଥଳରେ ପହଞ୍ଚି ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ବ୍ଲକ କର୍ମଚାରୀ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ହେଲେ ଅଭିଯୁକ୍ତଙ୍କ ଗିରଫ ୨୪ ଘଣ୍ଟା ପରିବର୍ତ୍ତେ ୮ ଦିନ ବିତି ଯାଇଥିଲେ ମଧ୍ୟ କର୍ମଚାରୀମାନେ ଆନ୍ଦୋଳନ ପ୍ରତି ଆଗ୍ରହ ପ୍ରକାଶ ନ କରି ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଏହି ଘଟଣାରେ ପଞ୍ଚାୟତ ପ୍ରତିନିଧିମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଗତ ୭ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକ ସରପଞ୍ଚ ଓ ସମିତିସଭ୍ୟ ସଂଘର ସଦସ୍ୟ ଥାନା ଆଇଆଇସି ସୁଶାନ୍ତ ସାହୁଙ୍କୁ ଭେଟି ବିଡିଓଙ୍କୁ ଦୁର୍ବ୍ୟବହାର ଓ ଗଣ୍ଡଗୋଳ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବି କରିଥିଲେ। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ଏହାକୁ ବିରୋଧ କରି ବୁଧବାର ବ୍ଲକର ସଂଘର ପାଖାପାଖି ୪୦ରୁ ଊର୍ଦ୍ଧ୍ୱ ସମିତିସଭ୍ୟ ଓ ସରପଞ୍ଚ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି। ଫଳରେ ବ୍ଲକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିବା ବେଳେ ଦୂରଦୁରାନ୍ତରୁ ଆସୁଥିବା ଲୋକେ ଫେରୁଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଦୁର୍ବ୍ୟବହାର ଘଟଣାରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଅବିଳମ୍ବେ ବିଧିବଦ୍ଧ ନିରପେକ୍ଷ ତଦନ୍ତ କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବ୍ଲକର ଅଚଳାବସ୍ଥା ଦୂର କରିବାକୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



ବ୍ଲକ ଫାଟକରେ ତାଲା ପକାଇ ସରପଞ୍ଚ, ସମିତିସଭ୍ୟ ସଂଘ ପକ୍ଷରୁ ଆମରଣ ଅନଶନ କରାଯାଉଛି।

# କଟକଣା ସମୟରେ ଇକୋ ରିଟ୍ରିଟ୍‌କୁ ବିରୋଧ

**କେନ୍ଦ୍ରାପଡ଼ା, ୧୩।୧୧ (ଜଗନ୍ନାଥ ଧଳ)**

କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ମଧ୍ୟରେ ବନ୍ୟ ପରିବେଶର ସୁରକ୍ଷା ଏବେ ସାମାଜିକ ଜୀବନରେ ଆହ୍ୱାନ ହୋଇଛି। ବନ୍ୟ ଓ ସାମୁଦ୍ରିକ ପରିବେଶ ନଷ୍ଟହେବାରୁ ବସବାସ କରୁଥିବା ଜୀବଙ୍କ ଜୀବନ ସଙ୍କଟାପର୍ଣ୍ଣ ହେଉଛି। ଉତ୍ସବ ନାମରେ ସେମାନଙ୍କ ଚରାଭୂଇଁ ପରିବେଶକୁ ନଷ୍ଟ କରା ନ ଯାଉ। ଏପରି ଭାବାବେଗରେ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ପେଣ୍ଠଠାରେ ହେବାକୁଥିବା ଇକୋ ରିଟ୍ରିଟ୍ ବନ୍ଦ କରିବା ଦାବିକରି ମାର୍ଶାଘାଇ ବ୍ଲକ ମଶାକଣି ଗ୍ରାମର ଆଳୟ ସାମନ୍ତରାୟ ରାଜ୍ୟ ସରକାରଙ୍କ ମୁଖ୍ୟ ସଚିବଙ୍କଠାରୁ ରାଜନଗର ଡିଏଫ୍‌ଓଙ୍କ ପର୍ଯ୍ୟନ୍ତ ମଙ୍ଗଳବାର ଦାବି କରିଛନ୍ତି।

ସେ ଦର୍ଶାଇଛନ୍ତି, ଇକୋ ରିଟ୍ରିଟ୍ ବନ୍ୟ ଓ ସାମୁଦ୍ରିକ ପରିବେଶକୁ ନଷ୍ଟ କରୁଛି। ଭିତରକନିକା ଜାତୀୟ ଉଦ୍ୟାନ ବିଭିନ୍ନ କରାଣରୁ ବିଶ୍ୱର ପର୍ଯ୍ୟଟକ, ଗବେଷକଙ୍କ ଆକର୍ଷଣର କେନ୍ଦ୍ର ହୋଇଛି। ଏହି କାରଣରୁ ପର୍ଯ୍ୟଟକଙ୍କୁ ଏହି ସ୍ଥାନକୁ ଆକର୍ଷିତ କରିବାକୁ ପ୍ରତିବର୍ଷ ଡିସେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ପେଣ୍ଠଠାରେ ଇକୋ ରିଟ୍ରିଟ୍ ଆୟୋଜିତ ହେଉଛି। ଏହି ସମୟରେ ମୋଟରଚାଳିତ ବୋଟ୍, ଉତ୍ସବ ଅବଧିରେ ଉଚ୍ଚ ଶବ୍ଦ ବ୍ୟବହାର, ନିୟନ୍ତ୍ରଣବିହୀନ ପ୍ଲାଷ୍ଟିକ୍‌ର ବ୍ୟବହାର, ବର୍ଜ୍ୟବସ୍ତୁ ସମୁଦ୍ରରେ ମିଶିବା ଆଦି ବନ୍ୟ ଓ ସାମୁଦ୍ରିକ ଜୀବଙ୍କ ପାଇଁ ବିପଦ ସାଜିଛି। ଏହା ବ୍ୟତୀତ ଆଇୟୁସିଏନ୍‌ର ରେଡ୍ ଡାଟା ବୁକ୍‌ରେ ଥିବା ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କର ଏହା ପ୍ରଜନନ ସମୟ। ସୁଦୂର ଶ୍ରୀଲଙ୍କାରୁ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ଆସି ଏଠାରେ ସାମୂହିକ ଅଣ୍ଡାଦାନ କରିଥାନ୍ତି। ଏଥିପାଇଁ ନଭେମ୍ବର ପହିଲାରୁ ମେ’ ଶେଷ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଞ୍ଚଳକୁ ମତ୍ସ୍ୟଜୀବୀଙ୍କ ପ୍ରବେଶରେ କଟକଣା ହୋଇଛି। ଏହି କଟକଣା ସମୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ପେଣ୍ଠଠାରେ ଇକୋ ରିଟ୍ରିଟ୍ ହେବା ଯଥାର୍ଥ ମନେହେଉନାହିଁ। ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ପେଣ୍ଠକୁ ପରିବେଶ ସମ୍ବେଦନଶୀଳ ଗ୍ରାମ ଭାବେ ବହୁ ପୂର୍ବରୁ ଚିହ୍ନଟ ହୋଇଛି। ଏଠାରେ ଥିବା ହେନ୍ତାଳବଣରେ ଚିତ୍ରା ହରିଣ, ବାର୍‌ହାଠାରୁ ଆରମ୍ଭକରି ବିଭିନ୍ନ ପ୍ରଜାତିର ବନ୍ୟପ୍ରାଣୀ ରହୁଛନ୍ତି। ଇକୋ ରିଟ୍ରିଟ୍ ସେମାନଙ୍କ ଜୀବନଧାରାକୁ ବଦଳାଇବାକୁ ସକ୍ଷମ। ବର୍ଜ୍ୟବସ୍ତୁରେ ଥିବା ଖାଦ୍ୟ, ପଲିଥିନ ସେମାନଙ୍କୁ ବିପଦରେ ପକାଇବ। ସେହିପରି ଉଚ୍ଚଶବ୍ଦ ସେମାନଙ୍କ ଦୈନନ୍ଦିନ ଚଳଣିକୁ ବଦଳାଇବା ପାଇଁ ବାଧ୍ୟ କରିବ। ଏ ସମ୍ପର୍କରେ ଅଧ୍ୟାପକ କ୍ଷୀତିଶ କୁମାର ସିଂ ଓ ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ପେଣ୍ଠଠାରେ ଇକୋ ରିଟ୍ରିଟ୍ ସହ ସାଗରବେଳା ମହୋତ୍ସବ ଅନୁଷ୍ଠିତ ହେଉଛି। ଅନୁଷ୍ଠିତ ଉତ୍ସବର କୁପ୍ରଭାବ ଏହି ସ୍ଥାନରେ ଦେଖିବାକୁ ମିଳୁଛି। ଉଦ୍‌ବୃତ୍ତ ବର୍ଜ୍ୟବସ୍ତୁ ଆଖପାଖ ଅଞ୍ଚଳର ହେନ୍ତାଳବଣ ଓ ସମୁଦ୍ରକୁ ବସ୍ତାରିତ ହେଉଛି। ଖାଦ୍ୟଲୋଭରେ ଅଲିଭ୍ ରିଡ୍‌ଲେ ଏହାକୁ ଖାଇବା ଅସମ୍ଭବ ନୁହେଁ। ସେହିପରି ପ୍ଲାଷ୍ଟିକ୍, ପଲିଥିନ ଓ ଅନ୍ୟ ବର୍ଜ୍ୟ ପଦାର୍ଥରେ ଛନ୍ଦିହୋଇ ଏହି ଜୀବ ମରିବା ସ୍ୱାଭାବିକ। ବିଭିନ୍ନ ସମସ୍ୟାକୁ ଯୁଝୁଥିବା ଏହି ବିରଳ ଜୀବ ଗହୀରମଥାକୁ ଆଗମନ ଓ ପ୍ରସ୍ଥାନ ପରେ ସେମାନଙ୍କ ଜୀବନଚକ୍ର ଏବେ ବି ଗବେଷଣାଗାରରେ ଅଛି। ଆଗମନଠାରୁ ନବଜାତକ ସମୁଦ୍ରକୁ ଫେରିବା ପର୍ଯ୍ୟନ୍ତ କଇଁଛଙ୍କ ସୁରକ୍ଷା ଆବଶ୍ୟକ। ପ୍ରାୟ ୫ ଲକ୍ଷ ଅଲିଭ୍ ରିଡ୍‌ଲେ ପ୍ରଜନନ ପାଇଁ ଏଠାକୁ ଆସୁଛନ୍ତି। ତେବେ ପ୍ରଜନନ ସ୍ଥଳ ସଙ୍କୁଚିତ ହେବାରୁ ସମସ୍ୟା ସୃଷ୍ଟି ହୋଇଛି। ତତକ୍ଷୟ ରୋକିବାକୁ ଏଠାରେ କୌଣସି ଉଦ୍ୟମ ହେଉନାହିଁ। ଭିତରକନିକା ପରିବେଶ ସମ୍ବେଦନଶୀଳ ଗ୍ରାମରୁ ସାମାନ୍ୟ ଦୂରରେ ଇକୋ ରିଟ୍ରିଟ୍ ଆୟୋଜନ ହେଲେ ଏହି ସମସ୍ୟା ରହିବ ନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି।

- ଅଲିଭ୍ ରିଡ୍‌ଲେଙ୍କ ସହ ବନ୍ୟଜନ୍ତୁଙ୍କ ପାଇଁ ସମସ୍ୟା
- ଉତ୍ସବ ନାମରେ ପରିବେଶକୁ ନଷ୍ଟ କରା ନ ଯାଉ


ପେଣ୍ଠ ବେଳାଭୂମିରେ ଇକୋ ରିଟ୍ରିଟ୍ ନିର୍ମାଣାଧୀନ ରହିଛି।


ଗତବର୍ଷ ଇକୋ ରିଟ୍ରିଟ୍ ସରିଯିବା ପରେ ପଡ଼ିଥିବା ଆବର୍ଜନା।

# ୨ ବେଶରେ ଦର୍ଶନଦେଲେ ନୀଳମାଧବ ଜୀଉ

**ଖଣ୍ଡପଡା, ୧୩।୧୧**
**(ଅଜୟ କୁମାର ମହାରଣା)**

ଚଳିତ ବର୍ଷ କାର୍ତ୍ତିକ ଏକାଦଶୀଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ୪ ଦିନରେ ଠାକୁର ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁ ତଥା ଭକ୍ତଙ୍କୁ ଦର୍ଶନ ଦେବାର ପରମ୍ପରା ରହିଛି। ବୁଧବାର ଶ୍ରୀ ନୀଳମାଧବ ଜୀଉଙ୍କୁ ସକାଳ ଓ ସନ୍ଧ୍ୟାରେ ୨ଟି ବେଶରେ ସଜା ଯାଇଥିବା ଦେଖିବାକୁ ମିଳିଥିଲା। କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀ ନୀଳମାଧବ ଜୀଉଙ୍କୁ ସକାଳୁ ମୁରଲୀଧର ବେଶ ଓ ସନ୍ଧ୍ୟାରେ ଗରୁଡ଼ ଗୋବିନ୍ଦ ବେଶ କରାଯାଇଥିଲା। ସେହିପରି ଖଣ୍ଡପଡା ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ଗରୁଡ଼ ଗୋବିନ୍ଦ ବେଶରେ ସଜ୍ଜିତ କରାଯାଇଥିଲା। ବୁଧବାର ଦ୍ୱାଦଶୀ ତିଥି ସନ୍ଧ୍ୟାରେ ଠାକୁରଙ୍କ ମଙ୍ଗଳ ଆଳତି, ମଇଲମ, ତଡପଲାଗି ଓ ପରେ ଅବକାଶ




ନୀଳମାଧବଙ୍କ ମୁରଲୀଧର ବେଶ ଓ ଗରୁଡ଼ଗୋବିନ୍ଦ ବେଶ।

ନୀତି ସଂପନ୍ନ ହେବା ସହ ସନ୍ଧ୍ୟାରେ ଗରୁଡ ଦ୍ୱାଦଶୀ ନୀତି ପରେ ମହାପ୍ରଭୁଙ୍କୁ ଗରୁଡ଼ ଗୋବିନ୍ଦ ବେଶରେ ସଜା ଯାଇଥିଲା। ଠାକୁରଙ୍କ ଏହି ବେଶ ଦେଖିବାକୁ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଲାଗି ରହିଥିଲା। ଠାକୁରଙ୍କୁ ଶୃଙ୍ଖଳିତ ଭାବରେ ଦର୍ଶନ କରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଧାଡିରେ ଯିବାର ବ୍ୟବସ୍ଥା କରାଯାଇଥିଲା। ସେହିପରି ଖଣ୍ଡପଡ଼ା ଶ୍ରୀ ଜଗନ୍ନାଥ ଜୀଉ ଗରୁଡ଼ ଗୋବିନ୍ଦ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କ ଏହି ଦେବ ଦୁର୍ଲ୍ଲଭ ବେଶ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ସନ୍ଧ୍ୟା ସମୟରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଦୀପ୍ତ



@ ସୁନୀଲ



@ ସୁଶାନ୍ତ



@ ଟିନା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୀଳମାଧବ ଜୀଉଙ୍କୁ ଦର୍ଶନ କଲେ ଯୋଗାଣ ମନ୍ତ୍ରୀ



ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଙ୍ଗଳବାର ନୀଳମାଧବଙ୍କ ମନ୍ଦିର ପରିଦର୍ଶନ କରୁଛନ୍ତି।

**ଖଣ୍ଡପଡା, ୧୩।୧୧**
**(ଅଜୟ କୁମାର ମହାରଣା)**

ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଙ୍ଗଳବାର ଅପରାହ୍ଣରେ କଂଟିଲୋର ଶ୍ରୀ ନୀଳମାଧବ କ୍ଷେତ୍ର ପରିଦର୍ଶନରେ ଆସି ପ୍ରଭୁ ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିଥିଲେ। ମନ୍ଦିର ପରିଦର୍ଶନ ସମୟରେ ନୀଳମାଧବ ପୂଜକ ସମାଜର ସଦସ୍ୟମାନେ ମନ୍ଦିରର ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ କରି ବିଗତ ବିଜେଡି ସରକାର ନୀଳମାଧବ ବିକାଶ ପ୍ରକଳ୍ପ ନିମନ୍ତେ ୧୦୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରି ନିର୍ଦ୍ଦିଷ୍ଟ ସମୟ ୧୮ ମାସ ମଧ୍ୟରେ ସମ୍ପନ୍ନ କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ମାତ୍ର ପ୍ରକଳ୍ପ କାର୍ଯ୍ୟ ଧିର ମନ୍ଥର ଗତିରେ ଚାଲିଛି। ପ୍ରକଳ୍ପରେ ସାମିଲ ଥିବା ବିଭିନ୍ନ କାର୍ଯ୍ୟ ତଥା ମନ୍ଦିର ପୂର୍ବଦ୍ୱାର(ସିଂହ ଦ୍ୱାର) ପାର୍ଶ୍ୱରେ ରହୁଥିବା ପରିବାରକୁ ବିସ୍ଥାପନ କରାଯାଇ ବିକାଶ ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ କରିବା ପ୍ରକ୍ରୀୟା ସଂପ୍ରତି ବନ୍ଦ ରହିଥିବାରୁ ବିବାଦ ଲାଗି ରହିଛି ବୋଲି ସେବାସୀମାନେ କହିଥିଲେ। ଏହି ଆଲୋଚନା ସମୟର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂଜକ ସମାଜର ସଭାପତି, ସମ୍ପାଦକ ଯଥାକ୍ରମେ ସୀମାଞ୍ଚଳ ମିଶ୍ର ଓ ପ୍ରଶାନ୍ତ କୁମାର ମିଶ୍ର, କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ମିଶ୍ର, ପୂର୍ବତନ ସମ୍ପାଦକ ନୀଳମାଧବ ମିଶ୍ର, ସଦସ୍ୟ ରାଶେଶ୍ୱର ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସେବାସୀ, କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବିକାଶ ପ୍ରକଳ୍ପ କାର୍ଯ୍ୟ ସଂପର୍କରେ ଆଇନ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀ ଠାକୁରଙ୍କୁ ଦର୍ଶନ କରି ମନ୍ଦିର ପରିକ୍ରମା କରିବା ସମୟରେ ମନ୍ଦିର ପରିବେଶ ଏବଂ ହନୁମାନ ମନ୍ଦିର ସମ୍ମୁଖ ପାର୍ଶ୍ୱ ଅସନା ଯୋଗୁ କ୍ଷୋଭ ପ୍ରକାଶ କରିଥିଲେ।

## ନୋତର ସେବା ସମବାୟ ସମିତି ସମ୍ପାଦକ ଜେଲ ଗଲେ

### ୪ ମୃତକଙ୍କ ନାମରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରି ଫସିଲେ

**ନୟାଗଡ଼, ୧୩।୧୧ (ଲୋକନାଥ ମିଶ୍ର)**

ନୋତର ସେବା ସମବାୟ ସମିତି ସମ୍ପାଦକ ଆଶିଷ କୁମାର ପ୍ରଧାନଙ୍କୁ ନୟାଗଡ଼ ସବ୍‌ଜେଲ ଯିବାକୁ ପଡିଛି। ତିନି ମୃତକ ଚାଷୀଙ୍କ ନାମରେ ୧ କୋଟି ୧୪ ଲକ୍ଷ ୨୨ ହଜାର ୨୨୭ ଟଙ୍କା ଚଞ୍ଚକତା କରି ବ୍ୟାଙ୍କର କୃଷି ଋଣ ଉଠାଇଥିଲେ। ବୁଧବାର ଇଟାମାଟି ଥାନା ପୋଲିସ ଇଟାମାଟି ଗାଁର ଆଶିଷ କୁମାର ପ୍ରଧାନଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷେ ଇଟାମାଟି ସେବା ସମବାୟ ସମିତିର କିଛି କାଗଜପତ୍ର ଜବତ କରିଛି। ନୋତର ସେବା ସମବାୟ ସମିତିର ଗୋଲକ ନାୟକଙ୍କ ଅଭିଯୋଗକ୍ରମେ ପୋଲିସ ୨୯୩/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଗୋଲକ ୨୦୧୭ ମସିହା ଜୁଲାଇ ୪ ରେ ବ୍ୟାଙ୍କରୁ ୧୧ ହଜାର ଟଙ୍କା କୃଷି ଋଣ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେ ଋଣ ଟଙ୍କା ପରିଶୋଧ କରିଥିଲେ। କିନ୍ତୁ ତାଙ୍କ ନାମରେ ଥିବା ଋଣ ପରିଶୋଧ ହୋଇନାହିଁ ବୋଲି ଜାଣିବାକୁ ପାଇଥିଲେ।



ଗିରଫ ନୋତର ସେବା ସମବାୟ ସମିତି ସମ୍ପାଦକ।

ପରେ ସେ ସେବା ସମବାୟ ସମିତିର ତତ୍କାଳୀନ ସମ୍ପାଦକ ଆଶିଷ କୁମାର ପ୍ରଧାନଙ୍କ ନିକଟରୁ ଋଣ ସମ୍ପର୍କରେ ତଥ୍ୟ ଜାଣିବାକୁ ଚାହିଁଥିଲେ। କିନ୍ତୁ ସମ୍ପାଦକ ସହଯୋଗ କରି ନ ଥିଲେ। କିନ୍ତୁ ସେ ଜାଣିବାକୁ ପାଇଥିଲେ ଯେ, କେତେଜଣ ମୃତ ଚାଷୀଙ୍କ ନାମରେ ଋଣ ହୋଇଛି। ସମିତିର ବିନା ଅନୁମୋଦନରେ ଜାଲ କରି ଟଙ୍କା ଖର୍ଚ୍ଚ କରିବା ବେଆଇନ ଓ ଏହାର ତଦନ୍ତ କରାଯାଉ ବୋଲି ସେ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତରୁ ଜଣାପଡିଥିଲା, ଆଶିଷ ୨୦୧୬ ଡିସେମ୍ବର ୨୩ରେ ନୋତର ସେବା ସମବାୟ ସମିତିରେ ସମ୍ପାଦକ ଭାବେ ଯୋଗଦେଇଥିଲେ। ତାଙ୍କ କାର୍ଯ୍ୟକାଳ ଭିତରେ ସେ ୧୨୪ ଜଣ ଚାଷୀଙ୍କ ନାମରେ ବେଆଇନ କାଗଜପତ୍ର କରି ବ୍ୟାଙ୍କରେ ଦାଖଲ କରିଛନ୍ତି। ମୃତ ବଂଶୀଧର ପ୍ରଧାନଙ୍କ ନାମରେ ୯୯ହଜାର, ଅନ୍ୟଜଣେ ମୃତ ବଂଶୀଧର ପ୍ରଧାନଙ୍କ ନାମରେ ୯୬ ହଜାର, ମୃତ ଭିକାରୀ ମୁଦୁଲିଙ୍କ ନାମରେ ୯୮ ହଜାର ଟଙ୍କା ଓ ମୃତ ପଞ୍ଚୁ ମୁଦୁଲିଙ୍କ ନାମରେ ୭୨ ହଜାର ଟଙ୍କା ଋଣ ନେଇଥିବା ଜଣା ପଡ଼ିଛି ବୋଲି ଥାନା ଆଇଆଇସି ଜଗଦୀଶ କର କହିଛନ୍ତି।

## ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା, ୧୩।୧୧ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା କଳା ବିକାଶ ପରିଷଦ ପକ୍ଷରୁ ପ୍ରତିବର୍ଷ ମହୋତ୍ସବର ଆୟୋଜନ କରାଯାଉଥିବା ବେଳେ ଚଳିତ ବର୍ଷ ଡ଼ିସେମ୍ବର ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଖଣ୍ଡପଡା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା–୨୦୨୪ ସ୍ଥାନୀୟ ମଧୁବନ ମିନି ଷ୍ଟାଡ଼ିୟମ ପରିସରରେ ଅନୁଷ୍ଠିତ ହେବ ବୋଲି କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ର ବୈଠକରେ ଘୋଷଣା କରିଥିଲେ। ଏ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶୁଭ କଲ୍ୟାଣ ମଣ୍ଡପ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଏବଂ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ଚଳିତ ବର୍ଷ ମହୋତ୍ସବ ପାଳନ ନିମନ୍ତେ ମତାମତ ପ୍ରଦାନ କରିଥିଲେ। ଖଣ୍ଡପଡା କଳା ବିକାଶ ପକ୍ଷରୁ ଆୟୋଜିତ ୯ମ ଖଣ୍ଡପଡା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଚଳିତ ବର୍ଷ କିପରି ଶୃଙ୍ଖଳିତ ତଥା ସରସ ସୁନ୍ଦର ହୋଇ ପାରିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବିଧାୟକ ସ୍ୱାଇଁ ଉପସ୍ଥିତ ସମସ୍ତ ସରକାରୀ ଅଧିକାରୀଙ୍କୁ ଏହି ମହୋତ୍ସବରେ ଆନ୍ତରିକତାର ସହ ସହଯୋଗ କାମନା କରିବା ସହ ପୂର୍ବ ବର୍ଷ ଠାରୁ ଚଳିତ ବର୍ଷର ମହୋତ୍ସବ କିପରି ଅଧିକ ଆକର୍ଷଣ ହୋଇ ପାରିବ ସେ ସମ୍ପର୍କରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଉକ୍ତ ବୈଠକରେ ଖଣ୍ଡପଡା ବିଡିଓ ଅଙ୍କୁର ଅଭିଳାଷ, ଅତିରିକ୍ତ ତହସିଲଦାର ସୋମେଶ ରଣବିଜୁଳି, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ, ଏମ୍‌ପିଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। କଳାବିକାଶ ପରିଷଦର ସମ୍ପାଦକ ରମେଶ କୁମାର ମହାନ୍ତି ପୂର୍ବ ବର୍ଷ ମହୋତ୍ସବ ପାଳନ ସମ୍ପର୍କୀତ ବିବରଣୀ ପ୍ରଦାନ କରିଥିଲେ।

## ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବ ପଠାଣି ସାମନ୍ତ ସ୍ମାରକୀ

**ଖଣ୍ଡପଡା, ୧୩।୧୧ (ଅଜୟ କୁମାର ମହାରଣା)**

ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତ ଜନ୍ମମାଟି ଖଣ୍ଡପଡାରେ ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ପ୍ରତିଷ୍ଠା ହେବ ପଠାଣି ସାମନ୍ତ ସ୍ମାରକୀ। ଏଥି ନିମନ୍ତେ ରାଜ୍ୟ ସରକାର ୬ କୋଟି ଟଙ୍କା ପ୍ରଦାନ କରିବେ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି। ମନ୍ତ୍ରୀ ପାତ୍ର ମଙ୍ଗଳବାର ସନ୍ଧ୍ୟାରେ ଖଣ୍ଡପଡା ଓ କଣ୍ଟିଲୋ ଅଂଚଳକୁ ଗସ୍ତରେ ଆସିଥିବା ବେଳେ ସ୍ଥାନୀୟ ରଥଗଡା ଛକରେ ଅବସ୍ଥିତ ପଠାଣି ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ମନ୍ତ୍ରୀ କଣ୍ଟିଲୋ ଅଞ୍ଚଳକୁ ଗସ୍ତରେ ଯାଇ ପ୍ରଭୁ ଶ୍ରୀ ନୀଳମାଧବଙ୍କୁ ଦର୍ଶନ କରିଥିଲେ। ପଠାଣି ସାମନ୍ତଙ୍କ କୃତୀ ଓ ପ୍ରତିଭା, ପଠାଣୀ ସାମନ୍ତ ସ୍ମାରକୀ ହଲରେ ଶୋଭା ପାଇବା ସହ ଏହା ରାଜ୍ୟ ବାହାରର ପର୍ଯ୍ୟଟକ ଓ ଗବେଷକଙ୍କୁ ଆକୃଷ୍ଟ କରିବ ବୋଲି ମନ୍ତ୍ରୀ ପାତ୍ର ଦୃଢୋକ୍ତି ପ୍ରକାଶ କରିଥିଲେ।

## ଗରୁଡ଼ ଦ୍ୱାଦଶୀରେ ଶ୍ରୀରଘୁନାଥଙ୍କ ସନ୍ଧ୍ୟାବେଶ

**ଓଡ଼ଗାଁ, ୧୩।୧୧ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓ ବିଜେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରେ ପୁଣ୍ୟ ମାସ କାର୍ତ୍ତିକ ଶୁକ୍ଳ ଗରୁଡ଼ ଦ୍ୱାଦଶୀ ତଥା ମହା ପଞ୍ଚୁକ ଦ୍ୱାଦଶୀରେ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଭୋର ସମୟରେ ଶ୍ରଦ୍ଧାଳୁ ଦର୍ଶନ ଲାଭ କରିବା ସହିତ ସନ୍ଧ୍ୟା ଆଳତୀ ସମୟରେ ପ୍ରଭୁ ଶ୍ରୀରାମ ମତ୍ସ୍ୟ ଓ ଅନୁଜ ଲକ୍ଷ୍ମଣ କଚ୍ଛପ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ମନ୍ଦିର ପ୍ରଶାସନ ଓ ପୂଜକ ପରିଷଦ ସଦସ୍ୟମାନେ ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥାର ସମସ୍ତ ପରିଚାଳନା କରିଛନ୍ତି।



## ମହିଳା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଖଣ୍ଡପଡ଼ା, ୧୩।୧୧ (ଅଜୟ କୁମାର ମହାରଣା)**

ଖଣ୍ଡପଡା ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ଶାଖା ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍ ଯାପିତ ହୋଇଯାଇଛି। ମଙ୍ଗଳବାରଠାରୁ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବ ସ୍ଥାନୀୟ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ ଓ ଝରଣା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଉଚ୍ଚତର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ନିର୍ଦ୍ଦେଶିତ ଏହି କ୍ରୀଡା ଉତ୍ସବରେ କ୍ୟାରେମ, ବ୍ୟାଡମିଣ୍ଟନ, ୧ଶହ ଓ ୨ଶହ ମିଟର ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଜାଭେଲିନ, ଡ଼ିସକସ ଥ୍ରୋ, ମ୍ୟୁଜିକ ଚେୟାର ଆଦି କ୍ରୀଡା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ବିଭାଗରୁ ୨୭ ଜଣ କ୍ରୀଡା ପ୍ରତିଯୋଗୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ କଲେଜ ବାର୍ଷିକ ଉତ୍ସବରେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି। ଏହା ପୂର୍ବରୁ ବାର୍ଷିକ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ ସାରିଥିବା ଜଣାପଡିଛି। ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥ ଓ ମର୍ଦ୍ଦରାଜପୁର ସ୍କୁଲ କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ବେହେରା କ୍ରୀଡା ପ୍ରତିଯୋଗୀତା ପରିଚାଳନା କରିଥିବା ବେଳେ ଏଥିରେ ଶତାଧିକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## ଭକ୍ତି ସଙ୍ଗୀତ ପ୍ରତିଯୋଗିତା, ୧୭ରେ ଖଣ୍ଡପଡ଼ା ବ୍ଲକ ଅଡିଶନ

**ଖଣ୍ଡପଡ଼ା, ୧୩।୧୧ (ଅଜୟ କୁମାର ମହାରଣା)**

ଭକ୍ତି ସଙ୍ଗୀତ ଧାରା, ନୟାଗଡ ପକ୍ଷରୁ ଆୟୋଜିତ ସିଜିନ–୨ ଭକ୍ତି ସଙ୍ଗୀତ ପ୍ରତିଯୋଗୀତାର ଖଣ୍ଡପଡା ବ୍ଲକ ଅଡିଶନ ଆସନ୍ତା ୧୭ ତାରିଖ ରବିବାର ଦିନ ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହେବ। ଏହିଅବସରରେ ଏକ ପ୍ରସ୍ତୁତି ବୈଠକ ଶିକ୍ଷାକେନ୍ଦ୍ର ପରିସରରେ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ସଙ୍ଗୀତଧାରାର ମୁଖ୍ୟ ପୃଷ୍ଠପୋଷକ ତଥା ସାମାଜିକକର୍ମୀ ପ୍ରମୋଦ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରି ପ୍ରତିଯୋଗୀତାର ଆଭିମୁଖ୍ୟ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରସ୍ତୁତି ବୈଠକରେ ସଙ୍ଗୀତଧାରର ସଂଯୋଜକ ଲକ୍ଷ୍ମୀଧର ସାହୁଙ୍କ ସମେତ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ବିଷ୍ଣୁପ୍ରସାଦ ରଥ, ସଙ୍ଗୀତ ଧାରର ବରିଷ୍ଠ ସଦସ୍ୟ ପ୍ରଶାନ୍ତ ପଟ୍ଟନାୟକ, ଦୀନବନ୍ଧୁ ସାହୁ, ଦେବାଶିଷ ରଥ, ଦିଲୀପ କୁମାର ସାହୁ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟଯେ, ଜିଲାରେ ଥିବା ଲୁକ୍କାୟିତ ସଙ୍ଗୀତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ 'ସଙ୍ଗୀତ ଧାରା' ନୟାଗଡ ପକ୍ଷରୁ ଜିଲାସ୍ତରୀୟ ଭକ୍ତି ସଙ୍ଗୀତ ପ୍ରତିଯୋଗୀତା ଜିଲାର ସମସ୍ତ ବ୍ଲକରେ ଅନୁଷ୍ଠିତ ହେଉଅଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ରବିବାର ପୂର୍ବାହ୍ଣ ୧୦ଟା ସମୟରେ ବିନା ବାଦ୍ୟଯନ୍ତ୍ରରେ ପ୍ରତିଯୋଗୀମାନଙ୍କ ଅଡିଶନ ନିଆଯିବ। ୧୪ରୁ ୨୪ ବର୍ଷ ବୟସର ଉଭୟ ଝିଅ ପୁଅ ଏହି ପ୍ରତିଯୋଗୀତାରେ ଭାଗ ନେଇ ପାରିବେ ବୋଲି ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। ପ୍ରତିଯୋଗୀମାନେ ସକାଳ ସାଢେ ୯ଟାରେ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାମ ପଞ୍ଜିକରଣ କରିବେ। ସଙ୍ଗୀତଧାରା ନିଷ୍ପତ୍ତି ଅନୁଯାୟୀ ଚୁଡ଼ାନ୍ତ ପର୍ଯ୍ୟାୟ ପ୍ରତିଯୋଗୀତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ 'ନୟାଗଡ ସଙ୍ଗୀତ କଲ୍ଲୋଳ' ଉପାଧି ସହିତ ନଗଦ ୧୧ ହଜାର ଟଙ୍କା ପୁରସ୍କାର ଅର୍ଥରାଶି ଏବଂ ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କ ଯଥାକ୍ରମେ ୫ ହଜାର ଏବଂ ୩ହଜାର ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।




ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅନୁଷ୍ଠାନର କର୍ମକର୍ତ୍ତା।

**ସଂକ୍ଷେପରେ**

## କବି ଅଶ୍ୱିନୀ ମିଶ୍ରଙ୍କୁ ଶ୍ରୀବଳଦେବ ସମ୍ମାନ

**କେନ୍ଦ୍ରାପଡ଼ା,୧୩।୧୧(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ସାହିତ୍ୟ ପରିଷଦର ବୈଠକ ସହରର ଗୋପସ୍ଥିତ କମଳ ଭବନରେଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କବି ଅଶ୍ୱିନୀ ମିଶ୍ରଙ୍କୁ ଚଳିତ ବର୍ଷର ଶ୍ରୀବଳଦେବ ସମ୍ମାନ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିସହ ଗାଳ୍ପିକା ସ୍ୱାଗତିକା ସ୍ୱାଇଁ, କବି ଚିତ୍ତରଞ୍ଜନ ନାୟକ, ଅନୁବାଦକ ପ୍ରଫେସର ତପନ ପଣ୍ଡା , ଗବେଷକ ଡ. ଅସୀତ ମହାନ୍ତି, କୃଷ୍ଣ ସିଂହ ମଧ୍ୟ ବିଭିନ୍ନ ସମ୍ମାନରେ ସମ୍ମାନୀତ ହେବେ । ବୈଠକରେ ପରିଷଦର ସଭାପତି ଡ. ଅପର୍ଣ୍ଣା ମହାନ୍ତି, ଗାଳ୍ପିକ ଅତୁଲ ବଳ, କବି ମଧୁସୂଦନ ଦାସ, ଭୁବନମୋହନ ଜେନା, ସରୋଜ କୁମାର ମହାନ୍ତି, ନବଜ୍ୟୋତି ରାୟ, ପ୍ରଦୀପ ନାୟକ, ପ୍ରମୋଦ ମଲିକ, ଡ. ପ୍ରକାଶ କୁମାର ପରିଡା, ମାତୃଦତ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

# ରାହାସୋଇ ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ

**ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ସୂଚନା ଅଧିକାର କର୍ମୀଙ୍କ ସ୍ତ୍ରୀ**

- କିଛିଦିନ ତଳେ ପଞ୍ଚାୟତର ଦୁର୍ନୀତି ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗି ମାଡ଼ ଖାଇଥିଲେ ଦମ୍ପତି

**ଯାଜପୁର ଟାଉନ,୧୩।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଅନ୍ତର୍ଗତ ରାହାସୋଇ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଥିବା ସୂଚନା ଅଧିକାର କର୍ମୀ ଅଶୋକ ପତିଙ୍କ ସ୍ତ୍ରୀ ଲଳିତା ପତି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଲଳିତା ଜିଲାପାଳଙ୍କୁ ବୁଧବାର ଏକ ଦାବିପତ୍ର ଦେବାସହ ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଦମ୍ପତି ।

ପଞ୍ଚାୟତରେ ମଧୁବାବୁ ପେନସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ, ଆମ ଗାଁ ଆମ ବିକାଶ ଓ ଏମ୍‌ଜିଏନ୍‌ଆର୍ ଇଜିଏସ୍‌ରେ ଦୁର୍ନୀତି ହୋଇଛି। କାମ ନ କରି ବିଭିନ୍ନ ଯୋଜନାରେ ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତ ଲୋକଙ୍କ ନାମରେ ମିଥ୍ୟା ବିଲ୍ କରି ଅର୍ଥ ହଡପ କରିଛନ୍ତି ବୋଲି ଲଳିତା ଅଭିଯୋଗରେ ଦର୍ଶାଇଛନ୍ତି । ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ ହେଲେ ପିଇଓ, ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଓ ସରପଞ୍ଚଙ୍କ ମୁଖା ଖୋଲିପାରନ୍ତା ବୋଲି ଲଳିତା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

କିଛିଦିନ ତଳେ ଅଶୋକ ଉକ୍ତ ପଞ୍ଚାୟତର ଦୁର୍ନୀତି ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବାରୁ ତାଙ୍କୁ ଓ ତାଙ୍କ ସ୍ତ୍ରୀଙ୍କୁ ସର୍ବସମ୍ମୁଖରେ ମାଡ଼ ମରାଯାଇଥିଲା। ଏପରି କି ତାଙ୍କ ସ୍ତ୍ରୀ ଲଳିତାଙ୍କୁ ଅସଦାଚରଣ କରାଯାଇଥିଲା। ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହାକୁ ବିଭିନ୍ନ ବ୍ୟକ୍ତିବିଶେଷ ନିନ୍ଦା କରିବା ସହ ପତ୍ୟକ୍ଷ ଭାବେ ଜଡିତ ଥିବା ସରପଞ୍ଚଙ୍କ ସ୍ୱାମୀ ଶିବପ୍ରସାଦ ରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଆସୁଛନ୍ତି। ସୂଚନା ଅଧିକାର କର୍ମୀ ଅଶୋକ ସବୁବେଳେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ବୋଲି ରାହାସୋଇ ପଞ୍ଚାୟତର କେତେଜଣ ଲୋକ ତାଙ୍କୁ ବିଭିନ୍ନ ସମୟରେ ଧମକ ଦେଇଆସୁଥିବା ଲଳିତା କହିଛନ୍ତି।

## ବରୁଣେଶ୍ୱର ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ଶିବିରରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି ।

**ବିଞ୍ଝାରପୁର,୧୩।୧୧(ରାମକୃଷ୍ଣ ଦାସ):**

ଯାଜପୁର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ବିନ୍ଦୁରେଖା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟଅତିଥି ଭାବେ ଡ. ବଟକୃଷ୍ଣ ମହାପାତ୍ର ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଦନ୍ତରୋଗ ବିଶେଷଜ୍ଞ ଡା. ସୁନୀ କୁମାର ପୃଷ୍ଟି ଓ ଶିଶୁରୋଗ ବିଶେଷଜ୍ଞ ଡା. ସୁପ୍ରକାଶ ଶତପଥୀ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ରେଡ୍‌କ୍ରସ ଅଧିକାରୀ କୃଷ୍ଣଚନ୍ଦ୍ର ଜେନା, ମଧୁସ୍ମିତା ସାମଲ, ଜାତୀୟ ସେବା ଯୋଜନା ଅଧିକାରୀ ବାସୁଦେବ ମଲ୍ଲିକ, ମୋନାଲିସା ନାୟକ, ଡ. ଦୀପକ ଜେନା, ଭାରତ ସ୍କାଉଟ ଗାଇଡ ରୋଭରରେଞ୍ଜର ମନସ୍ୱିନୀ ବେହେରା, ବଳରାମ ଦେ, ରାଜରାଜେଶ୍ୱରୀ ମିଶ୍ର ଓ ଜିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରବୀର କର, ମିହିର ବିକାଶ ମହାନ୍ତି, ସୁବ୍ରତ ଦାସ, ରବୀନ୍ଦ୍ର ପରିଡ଼ା ଓ ସୁଧୀର ମିଶ୍ରଙ୍କ ପ୍ରତ୍ୟକ୍ଷ ସହଯୋଗରେ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଗୀତା ଜାଗରଣ ପରିଷଦର ତୃତୀୟ ସନ୍ଧ୍ୟା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

**ଯାଜପୁର ଟାଉନ,୧୩।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁରସହରସ୍ଥିତ ବୈତରଣୀ ନଦୀକୂଳ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ସପ୍ତଦିବସ ବ୍ୟାପୀ ଶ୍ରୀମଦ୍‌ଭାଗବତ ଆଲୋଚନା ଓ ବୋଇତ ବନ୍ଦାଣ ଉତ୍ସବ ଚାଲିଛି। ବୁଧବାର ତୃତୀୟ ସନ୍ଧ୍ୟା ଅନୁଷ୍ଠାନ ସଭାପତି ପ୍ରତିମା କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ ପଣ୍ଡିତ ବୈକୁଣ୍ଠନାଥ ପତି ରାଧାକୃଷ୍ଣଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ହୃଷୀକେଶ ପତି ସ୍ତୋତ୍ର ପାଠ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ ଯୋଗଦେଇ କାର୍ତ୍ତିକ ମାସରେ ରାଇ ଦାମୋଦରଙ୍କର ପୂଜା ଓ ହବିଷ୍ୟାଳିଙ୍କ ଦୀର୍ଘ ମାସାଧିକ ବ୍ରତ ଆଚରଣ ସନାତନ ହିନ୍ଦୁ ଧର୍ମର ସାମଗ୍ରୀକ ଐଶ୍ୱରୀୟ ଚେତନାରେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ପୋଲିସ୍ ପ୍ରଶାସକ ଗଦାଧର ରାଉତ ଯୋଗଦେଇ ବୃନ୍ଦାବତୀଙ୍କ ପୂଜା ଦ୍ୱାରା ସମସ୍ତଙ୍କର ମଙ୍ଗଳ ହୁଏ ବୋଲି ବକ୍ତବ୍ୟ ରଖିଥିଲେ। ନୃତ୍ୟାଙ୍ଗନା ଅର୍ଚ୍ଚନା ମିଶ୍ର ମଙ୍ଗଳା ଚରଣ ନୃତ୍ୟ ଓ ନୃତ୍ୟାଙ୍ଗନା ହରପ୍ରିୟା ପତି ଏବଂ ସୋନାକ୍ଷି ଦାସ ସ୍ୱାଗତ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ସହ ସମ୍ପାଦକ ବୃନ୍ଦାବନ ମିଶ୍ର, ସହସମ୍ପାଦକ କାଞ୍ଚନବାଳା ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଗୁଣମଣି ପାଣିଗ୍ରାହୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଭାସ୍କର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଟାଟାଷ୍ଟିଲ୍‌ରେ ଚାକିରି ଦେବାକୁ କହି ଠକେଇ, ଯୁବକ ଗିରଫ

**କଳିଙ୍ଗନଗର,୧୩।୧୧(ଶୁଭାଶିଷ ରାଉତ):**

କଳିଙ୍ଗନଗର ଟାଟା ଷ୍ଟିଲ୍ କାରଖାନାରେ ଚାକିରି କରେଇ ଦେବାକୁ କହି ଠକେଇ ହୋଇଛି। ଏନେଇ କଳିଙ୍ଗନଗର ଥାନାରେ ଅଭିଯୋଗ ହେବାପରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୨ ଲକ୍ଷ ୫୦ ହଜାର ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ପୁରୁଷୋତ୍ତମପୁର ଗ୍ରାମର ଶାନ୍ତନୁ କୁମାର ସ୍ୱାଇଁ(୩୬)।

ଅଭିଯୋଗ ଅନୁଯାୟୀ, ନଭେମ୍ବର ୨ରେ ଅନଲାଇନରେ ଏକ ବିଜ୍ଞାପନ ଦିଆଯାଇଥିଲା। ଏଥିରେ ଥିବା



ଫୋନ ନମ୍ବରରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅଞ୍ଚଳର ଅଭିନନ୍ଦନ ରାଉତ ଯୋଗାଯୋଗ କରିଥିଲେ। ଏହାପରେ ଫୋନ୍ ଉଠାଇଥିବା ବ୍ୟକ୍ତି ଶାନ୍ତନୁ କମ୍ପାନୀର ଜେନେରାଲ ମ୍ୟାନେଜର କହି ଅଭିନନ୍ଦନଙ୍କଠାରୁ ୧ ଲକ୍ଷ ୪୦ ହଜାର ଟଙ୍କା ଓ ତାଙ୍କ ସାଙ୍ଗ କଟକ ସିଡିଏର ସବ୍ୟସାଚୀ ସାହୁଙ୍କଠାରୁ ୧ ଲକ୍ଷ ୧୦ ହଜାର ଟାଟା ଷ୍ଟିଲର ୧ ନମ୍ବର ଗେଟ ପାଖରୁ ନେଇ ଯାଇଥିଲେ। ହେଲେ ସେ ଚାକିରି କରାଇ ଦେଇ ପାରି ନ ଥିଲେ। ଫଳରେ ଟଙ୍କା ଦେଇଥିବା ଯୁବକ ଅଭିନନ୍ଦନ ଠକାମିର ଶିକାର ହୋଇଥିବା ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୯୮/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

## ଶୌଚାଳୟ ସଫେଇ କଲେ କଂଗ୍ରେସ ନେତା

**କାଏମା,୧୩।୧୧(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବସଷ୍ଟାଣ୍ଡ୍ ନିକଟରେ ଥିବା ଶୌଚାଳୟକୁ ସଫେଇ କରାଯାଇଛି। କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ସହଯୋଗରେ ଏହି କାର୍ଯ୍ୟ କରାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଥିବା ଏହି ଶୌଚାଳୟ ଦୀର୍ଘ ଦିନ ହେବ ଏହା ଅପରିଷ୍କାର ହୋଇ ପଡ଼ି ରହିଥିଲା। ଏଥିରେ ଲାଗି ଥିବା ସରଞ୍ଜାମ ଭାଙ୍ଗି ରୁଜି ଯାଇଥିବାବେଳେ ଟ୍ୟାପଗୁଡ଼ିକ ଅଚଳ ହୋଇ ପଡ଼ିଥିଲା। ଫଳରେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏହାକୁ ପରିଷ୍କାର କରିବାକୁ କଂଗ୍ରେସ ନେତା ପଣ୍ଡା ଓ ଜାରକା ଫାଣ୍ଡି ଅଧିକାରୀ ବିଜୟ କୁମାର ବେହେରା ଆଲୋଚନା କରିଥିଲେ। ବୁଧବାର କଂଗ୍ରେସ ନେତା ପଣ୍ଡା, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ପୃଷ୍ଟି ଓ ଅନ୍ୟ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏହାକୁ ସଫା କରାଯାଇଛି।


ସଫେଇରେ ସାମିଲ ହୋଇଥିବା କଂଗ୍ରେସ ନେତା ଓ ଅନ୍ୟମାନେ ।

## ବକେୟା ଟଙ୍କା ମାଗିବାରୁ ଆକ୍ରମଣ, ୪ ଗିରଫ

**ରସୁଲପୁର,୧୩।୧୧(ରଂଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ଲକି ସାହୁ ବକେୟା ଟଙ୍କା ମାଗିବାରୁ ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ୪ଜଣ ସଂଘବଦ୍ଧ ଭାବରେ ଆକ୍ରମଣ କରିଛନ୍ତି। ଏନେଇ ଲକିଙ୍କ ମା’ ସରସ୍ୱତୀ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆକ୍ରମଣକାରୀ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସାରଙ୍ଗପୁର ଗ୍ରାମର ରମାକାନ୍ତ ସାହୁଙ୍କ ପୁଅ ତ୍ରିନାଥ ସାହୁ(୩୬), ଲୋକନାଥ ସାହୁ(୪୦), ବିଶ୍ୱନାଥ ସାହୁ(୩୮) ଓ ଯାଜପୁର ସଦର ଥାନା ଅନ୍ତର୍ଗତ ଜମଧର ଗ୍ରାମର ଶିବ ସୁନ୍ଦର ମାଝୀ।

ଅଭିଯୋଗ ମୁତାବକ, ସାରଙ୍ଗପୁର ଛକର ୨୦ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଲକିଙ୍କ ଏକ ଦୋକାନ ରହିଛି। ରମାକାନ୍ତଙ୍କ ଜଣେ ପୁଅ ଲକିଙ୍କ ଦୋକାନକୁ ଆସି କ୍ଷୀର ଓ ବିସ୍କୁଟ ମାଗିଥିଲେ। ମାତ୍ର ବାକି ଟଙ୍କା ନଦେଲେ ସେ ଆଉ ଜିନିଷ ଦେବେ ନାହିଁ ବୋଲି କହିଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହେବା ସହ ମାରପିଟ ହୋଇଥିଲା। ଅଭିଯୁକ୍ତମାନେ ମାରଣାସ୍ତ୍ର ବ୍ୟବହାର କରି ଦୋକାନୀଙ୍କୁ ମାଡ଼ ମାରିଥିଲେ। ଦୋକାନୀଙ୍କ ମା’ ସରସ୍ୱତୀ ଆସି ଗଣ୍ଡଗୋଳରେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡମାରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏନେଇ ଥାନାରେ ନଂ.୪୭୮/୨୪ରେ ଏକ ମାମଲା ରୁଜୁ ହୋଇଛି।

## ଅସ୍ଥାୟୀ ବାଉଁଶ ପୋଲକୁ ନେଇ ବିବାଦ ତେଜୁଛି

**କେନ୍ଦ୍ରାପଡ଼ା,୧୩।୧୧(ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ଜିଲା ବାଲିଯାତ୍ରା କମିଟି ପକ୍ଷରୁ ଆସନ୍ତା ୧୫ ତାରିଖରୁ ବୋଇତ ବନ୍ଦାଣ ସହ ମହୋତ୍ସବ ହେବ । ଗୋବରୀ ନଦୀ ଉପରେ ନୂଆ ବସଷ୍ଟାଣ୍ଡଠାରୁ ଏକ ଅସ୍ଥାୟୀ ବାଉଁଶପୋଲ ମହୋତ୍ସବ ପଡିଆକୁ ନିର୍ମାଣ କରାଯାଉଛି । ତେବେ ଏହି ପୋଲକୁ ନେଇ ଏବେ ବିବାଦ ଦେଖିବାକୁ ମିଳିଛି । ସ୍ଥାନୀୟ ଅଞ୍ଚଳରେ ଆଲୋଚନା ସହ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଆଲୋଚନା ଅନୁଯାୟୀ ବାଉଁଶରେ ନିର୍ମିତ ଏହି ପୋଲ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଅଧିବାସୀଙ୍କ ଯାତାୟତ ପାଇଁ ଅନୁପଯୁକ୍ତ । ଭିଡ ମଧ୍ୟରେ ପୋଲ ଭୁଶୁଡିବା ସମ୍ଭାବନା ଅଛି।ଏହାସତ୍ତ୍ୱେଏହାର ନିର୍ମାଣ କାର୍ଯ୍ୟ ଚାଲିଛି । ପୋଲ ଭୁଶୁଡିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି । ଏପରି ସ୍ପର୍ଶକାତର ଘଟଣାକୁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଥାନାରେ ବୃଦ୍ଧାଙ୍କ ଆତ୍ମାହୁତି ଉଦ୍ୟମ

**ପାରାଦୀପ ଥାନାରୁ ନ୍ୟାୟ ମିଳିବାରେ ବିଳମ୍ବ ଘଟଣା**

**ପାରାଦୀପ,୧୩।୧୧(ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବୃନ୍ଦାବନ କଲୋନିର ଜଣେ ଅନୁସୂଚିତ ଜନଜାତି ବୃଦ୍ଧା ବୁଧବାର ପୋଲିସଠାରୁ ୪ ବର୍ଷ ହେଲା ନ୍ୟାୟ ନ ପାଇବାରୁ ଶେଷରେ ଥାନା ପରିସରରେ ଆତ୍ମାହୁତି କରିବାକୁ କିରୋସିନ ଓ ଦିଆସିଲ ଧରି ପହଞ୍ଚ ଥିଲେ। ପରେ ପୋଲିସ ସମ୍ପୃକ୍ତ ବୃଦ୍ଧାଙ୍କୁ ନ୍ୟାୟ ଦେବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେ ଘରକୁ ଫେରିଛନ୍ତି। ସମ୍ପୃକ୍ତ ଅନୁସୂଚିତ ଜନଜାତି ବୃଦ୍ଧା ହେଲେ ପାରାଦୀପ ବନ୍ଦରରୁ ଅବସର ନେଇଥିବା ସୀତା ମୁର୍ମୁ (୬୪)।

ସୀତା କରିଥିବା ଅଭିଯୋଗ ମୁତାବକ, ସେ ୨୦୨୦ରେ ଅବସର ଗ୍ରହଣ କରିବା ପରେ ଅର୍ଥ ପାଇଥିଲେ। ସେତେବେଳେ ତାଙ୍କ ଘର ପାଖରେ ମଦ ବ୍ୟବସାୟୀ ପ୍ରକାଶ ସାହୁ ସମ୍ପର୍କ ଆଧାରରେ ୪ ଲକ୍ଷ ଟଙ୍କା ଧାର ନେଇଥିଲେ। ଟଙ୍କା ୩ ମାସ ମଧ୍ୟରେ ପରିଶୋଧ କରିବେ ବୋଲି ୨ଟି ବ୍ୟାଙ୍କ ଚେକ୍ ଦେଇଥିଲେ। ସେ ଧାର୍ଯ୍ୟ ସମୟରେ ଟଙ୍କା ଫେରାଇଲେ ନାହିଁ। ସେତେବେଳେ କରୋନା କଟକଣା ଥିବାରୁ ସେହି ଆଳରେ ସମୟ ଗଡ଼ାଇ ଚାଲିଥିଲେ। ୨୦୨୩ ଅଗଷ୍ଟ ୭ରେ ଟଙ୍କା ମାଗି ନିରାଶ ହେବାରୁ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଜଣେ ଅନୁସୂଚିତ ମହିଳା ହୋଇଥିବାରୁ ଏହି ଅଭିଯୋଗର ତଦନ୍ତ ଦାୟିତ୍ୱ ପାରାଦୀପ ଡିଏସ୍‌ପି ସନ୍ତୋଷ ଜେନା ନେଇଥିଲେ। ପରେ ଜେନା ତଦନ୍ତ ପାଇଁ ସମସ୍ତ କାଗଜପତ୍ର ଓ ୨ଟି ବ୍ୟାଙ୍କ ଚେକ୍ ଆଦି ନେଲେ। ସେବେଠାରୁ ତଦନ୍ତ କରୁଛନ୍ତି। କିନ୍ତୁ ମାମଲା ରୁଜୁ କରିନାହାନ୍ତି କି ତାଙ୍କୁ ନ୍ୟାୟ ମିଳିନାହିଁ। ଏହାମଧ୍ୟରେ ଅନେକ ଥର ଡିଏସ୍‌ପିଙ୍କ କାର୍ଯ୍ୟାଳୟକୁ ଡାକି ଘଣ୍ଟା ଘଣ୍ଟା ବସେଇ ଫେରାଇଥିଲେ। ତାଙ୍କୁ ସେ ଦେଇଥିବା ଚେକ୍ ମାଗିଥିଲେ। କାରଣ ତାକୁ ନେଇ କୋର୍ଟରେ ଆବେଦନ କରିଥାନ୍ତେ। ତାଙ୍କ ଚେକ୍ ମଧ ଫେରାଇଲେ ନାହିଁ। ଏହାକୁ ନେଇ ୨ ଥର ଜଗତ୍‌ସିଂହପୁର ଏସ୍‌ପିଙ୍କୁ ଭେଟିଛନ୍ତି। ସବୁବେଳେ କେବଳ ଏଥର ବୁଝିବା ବୋଲି କହୁଛନ୍ତି। ଶେଷରେ ବାଧ ହୋଇ ୧୫ ଦିନ ତଳେ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, ଏସ୍‌ପି, ଡିଏସ୍‌ପିଙ୍କୁ ରେଜେଷ୍ଟ୍ରି ଚିଠି ଜରିଆରେ ସବୁକଥା ଲେଖି ଜଣାଇଥିଲେ। ଏ ପର୍ଯ୍ୟନ୍ତ କୌଣସି ନ୍ୟାୟ ମିଳିଲା ନାହିଁ। ବୃଦ୍ଧା ଯୋଗୁ ଧାଁ ଦୌଡ଼ କରି ପାରୁନି। ପୁଅ ମୋତେ ଘରୁ ବାହାର କରି ଦେବାକୁ ଧମକ ଦେଇଛି। ତେଣୁ ଏବେ ନିଃସହାୟ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାରାଦୀପ ଗସ୍ତ କରିବେ ବୋଲି ଜାଣି ବୁଧବାର ଏପରି ଆତ୍ମାହୁତି ପାଇଁ ନିଷ୍ପତ୍ତି ନେଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ପି ଭବାନୀଶଙ୍କର ଉଦ୍‌ଗାତାଙ୍କୁ ପଚାରିବାରେ ଏହା ମୋ ନଜରରେ ନ ଥିଲା। ଏବେ ଥାନାକୁ ଯାଇ ସବିଶେଷ ଘଟଣା ସମ୍ପର୍କରେ ନିଜେ ତଦନ୍ତ କରିବି। ବୃଦ୍ଧାଙ୍କୁ ନ୍ୟାୟ କିପରି ମିଳିବ ତାହା ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି।

## ସ୍ମୃତି ଓ ପ୍ରଣତିର ବାର୍ଷିକ ଉତ୍ସବ




**ଯାଜପୁର ଟାଉନ,୧୩।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁରର ସାହିତ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ‘ସ୍ମୃତି ଓ ପ୍ରଣତି’ର ବାର୍ଷିକ ଉତ୍ସବ ସ୍ଥାନୀୟ ଜିଲା ପରିଷଦ ସଭାଗୃହଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଶିଶିର କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ମୃତି ଓ ପ୍ରଣତିର ସାଙ୍ଗଠନିକ ସମ୍ପାଦକ ପ୍ରଫେସର ଦାମୋଦର ବେହେରା ପରିଚାଳନା କରିଥିଲେ। ଏହି ଅବସରରେ ମୂଲ୍ୟବୋଧ ଭିତ୍ତିକ ସାମ୍ବାଦିକତାର ପ୍ରତୀକ ତଥା ସାଲିସ ବିହୀନ ରାଜନେତା ପ୍ରଦ୍ୟୁମ୍ନ କିଶୋର ବଳଙ୍କ ଜୟନ୍ତୀ ପାଳିତ ହୋଇଥିଲା। ମୁଖ୍ୟଅତିଥିଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ରାମଚନ୍ଦ୍ର ଖୁଣ୍ଟିଆ, ମୁଖ୍ୟବକ୍ତା ବିରୁପାକ୍ଷ ତ୍ରିପାଠୀ, ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଏବଂ ସମ୍ମାନିତ ବକ୍ତାଭାବେ ପ୍ରଫେସର ଧନେଶ୍ୱର ସାହୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ପାଳନ କରୁଥିବାରୁ ଧନ୍ୟବାଦ ଜଣାଇଥିଲେ। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗାନ୍ଧୀବାଦୀ ସାମାଜିକ କର୍ମୀ ନିଶିଥ କୁମାର ଦାସ, ପରିବେଶବିତ୍ ପ୍ରଣତି ପ୍ରୀତିନନ୍ଦା ନାୟକ, ଭଦ୍ରକ ଜିଲାର ବରିଷ୍ଠ ଖବରଦାତା ପ୍ରଦୀପ କୁମାର ମହାପାତ୍ର, ସୁକିନ୍ଦାର ଖବରଦାତା ବିଶ୍ୱନାଥ ସାହୁ ଏବଂ ସଂଗ୍ରାହକ ଟାଇପିଷ୍ଟ ଶରତ କୁମାର ସାହୁ (ମଣି)ଙ୍କୁ ପ୍ରଦ୍ୟୁମ୍ନ ବଳ ସ୍ମୃତି ସମ୍ମାନ-୨୦୨୪ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ସୁବାସ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ନିଆଁ ଲାଗି ୨ ବଖରା ଜଳିଗଲା

**ରସୁଲପୁର,୧୩।୧୧(ରଂଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ବାଲାଙ୍ଗି ଗ୍ରାମରେ ବୁଧବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ନୂତନ ନାୟକଙ୍କ ୨ ବଖରା ଚାଳଘର ଜଳି ପାଉଁଶ ହୋଇଯାଇଛି। ଏଥିସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ରୋଷେଇ ଚାଲିଥିବା ସମୟରେ ଚୁଲିରୁ ନିଆଁ ଝୁଲ ଉଡ଼ି ଚାଳରେ ନିଆଁ ଲାଗିଥିଲା। ଘରେ ନିଆଁ ଲାଗିଯାଇଥିବା ଜାଣି ପରିବାର ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ରସୁଲପୁର ଦମକଳ କେନ୍ଦ୍ରକୁ ଅବଗତ କରାଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଘରେଥିବା ଆସବାସପତ୍ରକୁ ଉଦ୍ଧାର କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ କ୍ଷୟକ୍ଷତି ଆକଳନ କରାଯାଇଛି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ସଚେତନ ନାଗରିକ ମଞ୍ଚର ୭ ଦଫା ଦାବିପତ୍ର

**ଜେନାପୁର,୧୩।୧୧(ଅଶୋକ ଦାସ):**

ଯାଜପୁର ଜିଲା ଦେଇ ଯାଇଥିବା ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଏବେ ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରୁଛି, ଯାହାକୁ ନେଇ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତା ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଏନେଇ ସେମାନେ ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ତିନି ବର୍ଷ ବଦଳରେ ୮ ବର୍ଷରେ ମଧ ଅଧା ହୋଇ ପାରିନାହିଁ। ଫଳରେ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ସେହିପରି ଏହି ରାଜପଥରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ପାଇଁ ମଞ୍ଚ ଡିସେମ୍ବର ୯ରେ କବାଟ ବନ୍ଧ ନିକଟ ବ୍ରାହ୍ମଣୀ ପୋଲ ନିକଟରେ ଆନ୍ଦୋଳନ କରିବ। ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଯାଇଛି। ସେହିପରି ଦ୍ୱିତୀୟ ବ୍ରାହ୍ମଣୀ


ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସେତୁ କେବେ ସରିବ ତା’ର ନିର୍ଦ୍ଦିଷ୍ଟ ସମୟ ଜଣାଇବା, କାମ ସାରିବା ପୂର୍ବରୁ ଖରାପ ଥିବା ସ୍ଥାନକୁ ତୁରନ୍ତ ମରାମତି ଓ ଆଲୋକୀକରଣ କରିବା, ପୁରୁଣା ପୋଲ ବାଡ଼ା ମରାମତି କରିବା, ପାଦଚଲା ରାସ୍ତା ମରାମତି, ଯାତ୍ରୀଙ୍କ ପାଇଁ ବିଶ୍ରାମାଗାର ଓ ବସ ରହଣି ପାଇଁ ବ୍ୟବସ୍ଥା, ପାଉଁଶ ଉଡୁଥିବା ରାସ୍ତାରେ ପାଣି ସିଞ୍ଚନ କରିବା, ସକାଳ ଓ ସନ୍ଧ୍ୟାରେ ଭାରିଯାନ ଚଳାଚଳ ପ୍ରତି କଟକଣା ଲଗାଇବାକୁ ଦାବିପତ୍ରରେ ଦର୍ଶାଯାଇଛି। ମଞ୍ଚ ଆବାହକ ସରୋଜକାନ୍ତ ବେହେରା, ବରିଷ୍ଠ ଉପଦେଷ୍ଟା ବେଣୁଧର ପଣ୍ଡା, ପରମାନନ୍ଦ ସାହୁ, ପଙ୍କଜ ମଲ୍ଲ, ଅଶୋକ ଦାସ ପ୍ରମୁଖ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

**ଅଗ୍ନିକାଣ୍ଡରେ ୬ ଗୋରୁ ଆହତ**

ଆଳି,(ବନମାଳୀ ସେନାପତି): ଆଳି ଥାନା ଅନ୍ତର୍ଗତ ମାହାରାକୁଳ ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଶ୍ରୀଚରଣ ଦାସଙ୍କ ଗୋଟିଏ ବଖରା ଘର ସହିତ ଗୁହାଳ ଜଳିଯାଇଛି। ଏଥିରେ ଏକାଧିକ ୬ଗୋରୁ ପୋଡ଼ି ଆହତ ହୋଇଥିବା ବେଳେ ଆସବାବପତ୍ର ପୋଡ଼ି ଯାଇଛି। ଶ୍ରୀଚରଣଙ୍କ ପରିବାର ଲୋକ ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ଘରେ ହଠାତ ନିଆଁ ଲାଗି ଯାଇଥିଲା। ଏହାଦେଖି ପରିବାର ଲୋକ ଘରୁ ପଦାକୁ ପଳାଇ ଆସିଥିଲେ। ଏହାପରେ ଶ୍ରୀଚରଣଙ୍କ ଘର ସହିତ ଗୁହାଳଟି ଜଳିଯାଇଥିଲା। ଖବର ପାଇବା ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସବୁକିଛି ଜଳିପୋଡି ପାଉଁଶ ହୋଇ ଯାଇଥିଲା।

# ପୂର୍ବତନ ଅଧ୍ୟକ୍ଷ ବିଜୟଙ୍କ ନାଁରେ ଥାନାରେ ଅଭିଯୋଗ

## ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ
### କ୍ୟାଣ୍ଟିନ କରିଥିବା ବ୍ୟକ୍ତିଙ୍କଠାରୁ ୭୫ ହଜାର ନେଇଛନ୍ତି

ଜଗତ୍‌ସିଂହପୁର, ୧୩।୧୧ (ପ୍ରମୋଦ କୁମାର ନାୟକ)

ସ୍ୱାମୀ ବିବେକାନନ୍ଦ ସ୍ମାରକ (ଏସ୍‌ଭିଏମ୍) ସ୍ୱୟଂ ଶାସିତ ମହାବିଦ୍ୟାଳୟ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଜୁନ ୧୨ରେ ନିଲମ୍ବିତ ହୋଇଥିଲେ। ଆର୍ଥିକ ଅନିୟମିତତା, ପ୍ରଶାସନିକ ଅସ୍ୱାଭାବିକତା ଓ ସହକାର୍ମୀମାନଙ୍କ ସହ ଠିକ୍ ବ୍ୟବହାର ନ କରିବା ଭଳି ସଙ୍ଗୀନ ଅଭିଯୋଗ କାରଣରୁ ତାଙ୍କ ବିରୋଧରେ ତତ୍କାଳୀନ ମହାବିଦ୍ୟାଳୟ ଗଭର୍ଣ୍ଣିଂ ବଡ଼ି ସଭାପତି ପ୍ରଫେସର ଡ. କମଳା ପ୍ରସାଦ ମହାପାତ୍ର ଏଭଳି ନିଷ୍ପତ୍ତି ନେଇଥିଲେ। ଏହି ନିଲମ୍ବନ ନିଷ୍ପତ୍ତିକୁ ମହାବିଦ୍ୟାଳୟ ପରିଚାଳନା କମିଟି ୨ ଦିନ ପରେ ଅର୍ଥାତ୍ ଜୁନ ୧୪ ରେ ଅନୁମୋଦନ କରିଥିଲା। ଏଥିସହ ନୂଆ ଭାରପ୍ରାପ୍ତ ଅଧ୍ୟକ୍ଷା ଭାବେ ରସାୟନ ବିଜ୍ଞାନ ରିଡର ବନ୍ଦିତା ଦାସଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ନିକଟରେ ନରେନ୍ଦ୍ର କୁମାର ଦାସ ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବତନ ଅଧ୍ୟକ୍ଷ ବିଜୟଙ୍କ ପଦଚ୍ୟୁତ କାରଣରୁ ସେ ଏହି ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଶିକ୍ଷାଦାନ କରୁଛନ୍ତି। କିନ୍ତୁ ବୁଧବାର ବିଜୟଙ୍କ ବିରୋଧରେ ମହାବିଦ୍ୟାଳୟ ପରିସରରେ କ୍ୟାଣ୍ଟିନ କରିଥିବା ସ୍ଥାନୀୟ ଗାଲୁପଡ଼ାର ସୁବ୍ରତ କୁମାର ସାହୁ ସଙ୍ଗୀନ ଅଭିଯୋଗ କରିଛନ୍ତି। ବିଜୟ ଅଧ୍ୟକ୍ଷ ପଦରେ ଥିବାବେଳେ ତାଙ୍କଠାରୁ ବିଭିନ୍ନ ମାଧ୍ୟମରେ ମୋଟ ୭୪,୭୦୦ ଟଙ୍କା ନେଇଥିବା ଏହି ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି।

ସେ ଅଭିଯୋଗରେ ଦର୍ଶାଇଛନ୍ତି, ମହାବିଦ୍ୟାଳୟ କ୍ୟାଣ୍ଟିନ ଭଡ଼ା ବାବଦ ୪୫ ହଜାର ଟଙ୍କା ପୈଠ କରିବାକୁ ସେ ବିଜୟଙ୍କୁ ଦେଇ ରସିଦ ପାଇ ନ ଥିଲେ। ତେଣୁ ୯।୪।୨୪ରେ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତିଙ୍କୁ ସମ୍ବୋଧନ କରି ସେ ଏ ସଂକ୍ରାନ୍ତରେ ଦରଖାସ୍ତ କରିଥିଲେ। ଏହାବାଦ୍ ବିଜୟଙ୍କ କଥା ଅନୁସାରେ ପୂର୍ବରୁ ସେ ମଧ୍ୟାହ୍ନ ସମୟରେ ପ୍ରତିଦିନ ୩ଟି ହିସାବରେ ମିଲ୍ ତାଙ୍କ ଅର୍ଡଲି ରମେଶଙ୍କ ମାଧ୍ୟମରେ ଯୋଗାଇ ସେ ବାବଦ ୧୭,୭୦୦ ଟଙ୍କା ମଧ୍ୟ ପାଇନାହାନ୍ତି। କେବଳ ଏତିକି ନୁହେଁ, ବିଜୟଙ୍କ କଥା ଅନୁସାରେ ସେ ଦର୍ଶନ ଶାସ୍ତ୍ର ବିଭାଗ ସେମିନାରକୁ ଖାଦ୍ୟ ଯୋଗାଇ ସେ ବାବଦ ୧୧ ହଜାର ଓ ତତ୍କାଳୀନ ୫-ଟି ଅଧ୍ୟକ୍ଷ ପାଣ୍ଡିଆନଙ୍କ ମହାବିଦ୍ୟାଳୟ ଗସ୍ତ ଦିନ ଖାଦ୍ୟ ବାବଦ ୧୧ ହଜାର ଟଙ୍କା ମଧ୍ୟ ଏ ପର୍ଯ୍ୟନ୍ତ ପାଇନାହାନ୍ତି। ତେଣୁ ଏସବୁ ବାବଦ ମୋଟ ୭୪,୭୦୦ ଟଙ୍କା କିପରି ବିଜୟଙ୍କଠାରୁ ଆଦାୟ ହେବ ତା' ଉପରେ ପଦକ୍ଷେପ ନିଆଯିବା ସହ ତାଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସୁବ୍ରତ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଅଭିଯୋଗକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଦାସ ଜଗତ୍‌ସିଂହପୁର ଥାନାକୁ ପଠାଇ ଦେଇଛନ୍ତି। ବିଜୟଙ୍କ ବିରୋଧରେ ଏହି ଅଭିଯୋଗକୁ ନେଇ ପୁଣି ସେ ବିବାଦୀୟ ହୋଇ ପଡ଼ିଛନ୍ତି। ଆଗକୁ ମଧ୍ୟ ତାଙ୍କ ପାଇଁ ଅଡୁଆ ବଢ଼ିବା ସମ୍ଭାବନା ଥିବା ଆଲୋଚନା ହେଉଛି।

ସୂଚନାଯୋଗ୍ୟ ଯେ, ଅତୀତରେ ଗଭର୍ଣ୍ଣିଂ ବଡ଼ି ବୈଠକରେ ବିଜୟଙ୍କ ବିଷୟରେ ବହୁ ଆର୍ଥିକ ଅନିୟମିତତା ଭଳି ସଙ୍ଗୀନ ଅଭିଯୋଗ ଉପରେ ଗମ୍ଭୀରତାର ସହ ଆଲୋଚନା ହୋଇଥିଲା। ଏପରି କି ସେ ଅଧ୍ୟକ୍ଷ ଭଳି ମର୍ଯ୍ୟାଦାଜନକ ପଦବୀରେ ରହି କେତେଜଣ କର୍ମଚାରୀ ଓ ଲୋକଙ୍କଠାରୁ ବିଭିନ୍ନ ବାହାନାରେ ଟଙ୍କା ନେଇଥିବା କଥା ଉଠିଥିଲା। ଏଭଳି ସଙ୍ଗୀନ ଅଭିଯୋଗ ପାଇ ଗଭର୍ଣ୍ଣିଂ ବଡ଼ି ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ କମିଟି ଗଠନ କରି ଅନୁଧ୍ୟାନ ପରେ ପରବର୍ତ୍ତୀ ପଦକ୍ଷେପ ନେଇଥିଲା। ଏହାପରେ ପ୍ରସଙ୍ଗ ନ୍ୟାୟାଳୟରେ ପହଞ୍ଚିଥିଲା ଏବଂ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ନିଆଯାଇଛି।

# ରାଜ୍ୟର ସ୍ୱାର୍ଥକୁ ବିଜେଡି ଗୁରୁତ୍ୱ ଦିଏ: ଗଣେଶ୍ୱର



କେନ୍ଦ୍ରାପଡ଼ା, ୧୩।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ ଜୋନ୍ ନଂ. ୬ ଓ ୮ରେ ଜନସମ୍ପର୍କ ପଦଯାତ୍ରା ଭରତପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଆରମ୍ଭ ହୋଇଥିଲା। ଏହା କଳପଡ଼ା ହାଇସ୍କୁଲ ନିକଟରେ ଶେଷ ହୋଇଛି। ଏହିଅବସରରେ ବିଧାୟକ ବେହେରା କହିଥିଲେ ବିଜେଡି ଜନ ସମସ୍ୟା ଓ ନାରୀଙ୍କ ସମ୍ମାନକୁ ନେଇ ତା'ର ସଂଗ୍ରାମ ଜାରି ରଖିଛି । ବିକଶିତ ଓଡ଼ିଶା ଗଠନ ଲାଗି ବିରୋଧୀ ଦଳର ସହଯୋଗ ଅପରିହାର୍ଯ୍ୟ। ବିରୋଧୀଙ୍କ ସହଯୋଗ ସୁନିଶ୍ଚିତ କରିବାକୁ ହେଲେ ବିରୋଧୀଙ୍କ ମତକୁ ସମ୍ମାନ ଦେବା ବିଧେୟ। ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସରକାରଙ୍କୁ ଗଠନମୂଳକ ସହଯୋଗ ଦେବାର ପ୍ରତିଶ୍ରୁତି ଦେଇଛନ୍ତି ଓ ତଦନୁଯାୟୀ ରାଜ୍ୟ ସ୍ୱାର୍ଥ ପାଇଁ ଏକାଠି ଗଢ଼ା ହେବାକୁ ସମସ୍ତ ଦଳୀୟ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଲିଲିତା ଦାସ, ବ୍ଲକ ସଭାପତି ଆଲୋକ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜିଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ନିର୍ମଳା ମହାନ୍ତି, ଯୁବ ବିଜେଡି ସମ୍ପାଦକ ଲୋହିତ ମହାନ୍ତି, ବ୍ଲକ ମହିଳା ସଭାପତି ସୁମିତ୍ରା ପାଢୀ ପ୍ରମୁଖଙ୍କ ନେତୃତ୍ୱରେ ବିଜେଡି ନେତା ଓ କର୍ମୀ ସାମିଲ ହୋଇଥିଲେ।

# ଶିଶୁଙ୍କ ପ୍ରତିଭା ଫୁଲ ପରି ବିକଶିବ

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ

ଏରସମା, ୧୩।୧୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ମଠସାହି ଗ୍ରାମର ଆଶ୍ରମ ବିଦ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲାର ୩ଟି ଆଶ୍ରମ ବିଦ୍ୟାଳୟର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମଠସାହି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ଦାସ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ଜନମଙ୍ଗଳ ଅଧିକାରିଣୀ ରଞ୍ଜୁଲତା ଦେଇ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ କହିଲେ, ସର୍ଗିଫୁଲ ଏକ ସ୍ୱର୍ଗୀୟ ଫୁଲ। ଅଧ୍ୟବସାୟ ବଳରେ ଶିଶୁମାନଙ୍କ ପ୍ରତିଭା ଫୁଲ ପରି ବିକଶିବ ହେବ ବୋଲି କହିଥିଲେ। ଏଥିରେ ଏରସମା ବ୍ଲକ ଜନମଙ୍ଗଳ ଅଧିକାରୀ ଗୁରୁପ୍ରସନ୍ନ ସାହୁ, ପଦ୍ମପୁର ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅନିମା ମହାନ୍ତି, ପାରାଦୀପ ପରମେଶ୍ୱର ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସିଲ କୁଲୁ, ସହକାରୀ ଶିକ୍ଷକ ନରସିଂହ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଉପକାରିତା ଉପରେ ବକ୍ତବ୍ୟ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ର ନୃତ୍ୟ, ଅଭିନୟ, ସଙ୍ଗୀତ ପରିବେଷଣ କରିଥିଲେ।

# ଧାନର ମାନ ବୁଝାଇଲେ, ଚାଷୀ ପ୍ରଶ୍ନର ଉତ୍ତର ଦେଲେନି



ଶିବିରରେ ଯୋଗ ଦେଇଥିବା ଚାଷୀମାନେ।

## ଆର୍‌ଏମ୍‌ସି ପକ୍ଷରୁ ଚାଷୀ ପ୍ରଶିକ୍ଷଣ ଶିବିର

ରଘୁନାଥପୁର, ୧୩।୧୧ (ରାଜେନ୍ଦ୍ର ନାରାୟଣସିଂହ)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଢ଼ଙ୍ଗ ପଞ୍ଚାୟତରେ ବୁଧବାର ପୂର୍ବାହ୍ନରେ ଆରଏମ୍‌ସି ଜଗତ୍‌ସିଂହପୁର ପକ୍ଷରୁ ଧାନର ମାନ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରଏମ୍‌ସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ଏରିଆ ଅଫିସର ଚିତ୍ରା ଚିନ୍ମୟୀ ଦାସ, ମାର୍କେଟିଂ ଅଫିସର ଜିତେନ୍ କୁମାର ଦତ୍ତ ଏବଂ ସହଯୋଗୀ ସୁଧୀର କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ରାଢ଼ଙ୍ଗ, ପୂଜା, କଳିଙ୍ଗା, ଜିରା, କରିମୂଳ ଗ୍ରାମର ଶତାଧିକ ଚାଷୀ ଶିବିରରେ ଉପସ୍ଥିତ ହୋଇଥିଲେ। ସମ୍ପାଦକ ଦାସ ମାତ୍ର କିଛି ମିନିଟ୍ ପାଇଁ ସଭାରେ ରହି ଅନ୍ୟତ୍ର କାର୍ଯ୍ୟକ୍ରମ ଥିବା ଦର୍ଶାଇ ସଭାସ୍ଥଳରୁ ଚାଲିଯାଇଥିଲେ। ସହଯୋଗୀ ମହାରଣା ଏଫ୍‌ଏକ୍ୟୁ ଧାନର ମାନ ସମ୍ପର୍କରେ ସରକାରୀ ସୂଚନା ପ୍ରଦାନ କହିଥିଲେ। ହେଲେ ଚାଷୀଙ୍କ ମନରେ ଉଠିଥିବା ପ୍ରଶ୍ନର ଉତ୍ତର ଦେବାକୁ ଅଧିକାରୀଗଣ ଅସମର୍ଥ ହେଇଥିଲେ। କଞ୍ଚାଧାନକୁ ଚାରିଥର ଶୁଖାଇ ଆର୍ଦ୍ରତା ୧୭% ମଧ୍ୟରେ ରଖିବା, ଧାନରୁ ବାଲି, ଗୋଡ଼ି, ମାଟି, କୁଟା, କାଠି ବାଛିବା, ଧାନର ରଙ୍ଗକୁ ବେରଙ୍ଗି ନ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ଉପଯୁକ୍ତ ମୂଲ୍ୟ ପାଉ ନ ଥିବା ଚାଷୀ ଏତେ ଖର୍ଚ୍ଚ କରି ଧାନକୁ ଏଫ୍‌ଏକ୍ୟୁ କେମିତି କରିବ ଓ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଧାନ ଜମିରେ ପାଣି ଜମି ରହି ଯଦି ଧାନକୁ ବେରଙ୍ଗି କରେ, ତେବେ ସେଥିପାଇଁ କ'ଣ ଚାଷୀଙ୍କ ଦୋଷ ବୋଲି ଉପସ୍ଥିତ ଚାଷୀଙ୍କ ପ୍ରଶ୍ନରେ ଅଧିକାରୀମାନେ ଅସହାୟତା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ପରିଶ୍ରମ କରି ଚାଷୀଟିଏ ଯେତେବେଳେ ଏଫ୍‌ଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବ ବିକ୍ରି କରିବା ପାଇଁ ସେତେବେଳେ ସରକାରଙ୍କ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଧାନ ବିକ୍ରି ନିୟମ ଉଲ୍ଲଂଘନର ଶିକାର ହୋଇ ଟୋକନ୍ ରଦ୍ଦ କାରଣ ଯୋଗୁ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ସରକାର ଚାଷୀଙ୍କୁ ଉତ୍ପାଦିତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ନ ଦେଇ ସେମାନଙ୍କଠାରୁ ଧାନ କିଣିଲା ବେଳେ ଏତେସବୁ ନିୟମ ଖଞ୍ଜିବା କ'ଣ ସରକାରୀ ଶୋଷଣ ନୁହେଁ କି ବୋଲି ଚାଷୀ ନେତା ଦେବୀ ପ୍ରସାଦ ମହାରଣା ଉପସ୍ଥିତ ଅଧିକାରୀଙ୍କଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ। ତେଣୁ ଏଭଳି ପ୍ରଶ୍ନଗୁଡ଼ିକର ଉତ୍ତର ପାଇବା ପାଇଁ ଆଉଥରେ ଚାଷୀ ସମସ୍ୟା ସମାଧାନ ଶିବିର ଆୟୋଜନ ନିମନ୍ତେ ଉପସ୍ଥିତ ଚାଷୀମାନେ ଆରଏମ୍‌ସି ସମ୍ପାଦକଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ୨ ସ୍ତ୍ରୀଙ୍କ କଳି ପାଇଁ ଥାନାରେ ସ୍ୱାମୀଙ୍କ ମୃତଦେହ

କେନ୍ଦ୍ରାପଡ଼ା, ୧୩।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସଦର ଥାନାରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୨ ସ୍ତ୍ରୀଙ୍କ କଳି ପାଇଁ ସ୍ୱାମୀଙ୍କ ମୃତଦେହ ସଂସ୍କାର ପୂର୍ବରୁ ଥାନାରେ ଅଟକ ରହିଛି। ଏଥିସହ ଦୁଇ ପ୍ରତିପକ୍ଷ ସନ୍ଧ୍ୟାରେ ଥାନାରେ ଉପସ୍ଥିତ ରହି ସମସ୍ୟାର ସମାଧାନ ପାଇଁ ବାଟ ଖୋଜୁଛନ୍ତି। ତେବେ ଅଭିଯୋଗକୁ ଭିତ୍ତିକରି ଥାନାରେ ଅପମୃତ୍ୟୁ ମାମଲା (ନଂ. ୩୯/୨୪) ରୁଜୁ ହୋଇଛି।

ଥାନା ଅନ୍ତର୍ଗତ ଭାଗବତପୁର ଗ୍ରାମର ଅନୁପମା ତ୍ରିପାଠୀ (୭୨)ଙ୍କ ଅଭିଯୋଗ ଅନୁଯାୟୀ ସ୍ୱାମୀ ବସନ୍ତ ତ୍ରିପାଠୀ ପ୍ରାୟ ୨୭ବର୍ଷ ପୂର୍ବେ ସ୍ଥାନୀୟ ଠାକୁରପାଟଣା ଗ୍ରାମରେ ଘର କରି ରହୁଛନ୍ତି। ତାଙ୍କର ୫ ସନ୍ତାନ ବୟସ୍କ ଓ ବିବାହିତ। ତେବେ ଠାକୁରପାଟଣାରେ ଅନ୍ୟ ଜଣେ ମହିଳା ସ୍ୱାମୀଙ୍କ ସହ ରହୁଛନ୍ତି। ସକାଳ ସମୟରେ ବସନ୍ତ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ ଅବସ୍ଥାରେ ଥିବା ଅନୁପମାଙ୍କ ପରିବାର ସଦସ୍ୟ ଜାଣିବାକୁ ପାଇଥିଲେ। ସେଠାକୁ ଯାଇ ବସନ୍ତଙ୍କ ମୃତ୍ୟୁର ପ୍ରମାଣପତ୍ର ଦେଖାଇବାକୁ କହିବାରୁ ଠାକୁରପାଟଣା ଘରେ ରହୁଥିବା ସମ୍ପୃକ୍ତ ଦ୍ୱିତୀୟ ମହିଳାଙ୍କ ଝିଅ ମନା କରିବା ସହ ପୁରୀ ନେଇ ମୃତଦେହ ସଂସ୍କାର କରିବାକୁ ପଳାଇ ଯାଉଥିଲେ। ଏ ନେଇ ଥାନାରେ ସେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଆଇଆଇସି ବିମଳ ମଲ୍ଲିକଙ୍କୁ ପଚାରିବାରେ ଅଭିଯୋଗକୁ ଭିତ୍ତିକରି ମୃତଦେହ ନେଉଥିବା ଗାଡ଼ି ଡ୍ରାଇଭର ସହ ଯୋଗାଯୋଗ କରାଯାଇଥିଲା। ଜଗତପୁରରୁ ମୃତଦେହକୁ ଥାନାକୁ ଅଣାଯାଇଛି। ଏ ନେଇ ଅପମୃତ୍ୟୁ ମାମଲା ହୋଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ହେବ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।

# କେନ୍ଦାଳଠାରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ



ଜଗତ୍‌ସିଂହପୁର, ୧୩।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତର କେନ୍ଦାଳଠାରେ ନୂତନ ମିଶନଶକ୍ତି ଗୃହକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସାମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ବିଡିଓ ଆଶୁତୋଷ ମିଶ୍ର, ସମିତିସଭ୍ୟ ସ୍ନେହାଶିଷ ନନ୍ଦ, ବିଷ୍ଣୁ ସାହୁ, ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ସାହୁ, ଶୁଭ୍ରାଂଶୁ ବେହେରା, ଜୀବନ ଦାସ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଏସଏଚଜିର ଶତାଧିକ ସଦସ୍ୟା, ଇସି ମେମ୍ବର, ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କ ମିତ୍ର, ପ୍ରମୁଖ ଯୋଗଦେଇଥିଲେ। ପରେ ମକୁନ୍ଦା ବଜାରସ୍ଥିତ ବାବା ଆକୁଳି ବାବାଙ୍କ ମନ୍ଦିର ତୋରଣ ପାଇଁ ବିଧାୟକ ଦାସ ଶିଳାନ୍ୟାସ କରିଥିଲେ।

# ବିଜ୍ଞାନ ଯୋଗୁ ମଣିଷ ସମାଜର ପ୍ରଗତି ହେଉଛି




ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ୯୨ ପ୍ରକଳ୍ପ

କୁଜଙ୍ଗ, ୧୩।୧୧ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ବୁଧବାର ବନବିହାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଭାଗ ନେଇଥିବା ୯୨ଟି ବିଦ୍ୟାଳୟର ଛାତ୍ରୀଛାତ୍ର ସେମାନଙ୍କର ୯୨ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଦର୍ଶନୀକୁ ପୂର୍ବାହ୍ନରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବନବିହାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଭାରପ୍ରାପ୍ତ କୁଜଙ୍ଗ ବିଇଓ ମନୋଜ ବେହେରା ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଦୀନବନ୍ଧୁ ସେନାପତି ଯୋଗଦେଇ ବିଜ୍ଞାନର ଅଗ୍ରଗତି ଯୋଗୁ ମଣିଷ ସମାଜର ପ୍ରଗତି ହୋଇଛି। ସମ୍ମାନିତ ଅତିଥି ଭାବେ ଆଲୁମ୍‌ନି କମିଟି ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ଅକ୍ଷୟ ପଲେଇ, ଏବିଇଓ ସରୋଜିନୀ ଦେବୀ, ପ୍ରତିମା ସୂତାର, ମନୋରଞ୍ଜନ ମଙ୍ଗରାଜ ଓ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରବୀର କୁମାର ପ୍ରଧାନ ଯୋଗଦେଇଥିଲେ। ଡ. କେଶବ ଚନ୍ଦ୍ର ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗଦେଇ କୁନି ବୈଜ୍ଞାନିକମାନେ ହେଉଛନ୍ତି ଦେଶର ଭବିଷ୍ୟତ ବୋଲି କହିଥିଲେ। ବିଇଓ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଇଓ ପବିତ୍ର କୁମାର କର, ବିଜ୍ଞାନ ପରିଷଦ ସମ୍ପାଦକ ଶାରଦା ପ୍ରସାଦ ଦାସ ଯୋଗଦେଇଥିବାବେଳେ ବିନୋଦ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଜିଲାସ୍ତରକୁ ମନୋନୀତ ହୋଇଥିବା କୁନି ବୈଜ୍ଞାନିକ ଓ ୧୭ ମଣ୍ଡଳ ସାଧନକେନ୍ଦ୍ରର ସଂଯୋଜକଙ୍କୁ ମୁଖ୍ୟ ଅତିଥି ଏମ୍‌ପି ତରାଇ ପୁରସ୍କୃତ କରିଥିଲେ।

# ଅସ୍ଥାୟୀ ବାଉଁଶ ପୋଲକୁ ନେଇ ବିବାଦ ତେଜୁଛି



କେନ୍ଦ୍ରାପଡ଼ା, ୧୩।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ବାଲିଯାତ୍ରା କମିଟି ପକ୍ଷରୁ ଆସନ୍ତା ୧୫ ତାରିଖରୁ ବୋଇତ ବନ୍ଦାଣ ସହ ମହୋତ୍ସବ ହେବ। ଗୋବରୀ ନଦୀ ଉପରେ ନୂଆ ବସଷ୍ଟାଣ୍ଡଠାରୁ ଏକ ଅସ୍ଥାୟୀ ବାଉଁଶପୋଲ ମହୋତ୍ସବ ପଡିଆକୁ ନିର୍ମାଣ କରାଯାଉଛି। ତେବେ ଏହି ପୋଲକୁ ନେଇ ଏବେ ବିବାଦ ଦେଖିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳରେ ଆଲୋଚନା ସହ ସାମାଜିକ ଗଣମାଧ୍ୟମରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଆଲୋଚନା ଅନୁଯାୟୀ ବାଉଁଶରେ ନିର୍ମିତ ଏହି ପୋଲ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଅଧିବାସୀଙ୍କ ଯାତାୟତ ପାଇଁ ଅନୁପଯୁକ୍ତ। ଭିଡ ମଧ୍ୟରେ ପୋଲ ଭୁଶୁଡିବା ସମ୍ଭାବନା ଅଛି। ଏହାସତ୍ତ୍ୱେଏହାର ନିର୍ମାଣ କାର୍ଯ୍ୟ ଚାଲିଛି । ପୋଲ ଭୁଶୁଡିଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି। ଏପରି ସ୍ପର୍ଶକାତର ଘଟଣାକୁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଚାଞ୍ଚେରାଘେରି ଉଚ୍ଛେଦ ପାଇଁ ମହିଳାଙ୍କ ଦାବିପତ୍ର



ଏରସମା, ୧୩।୧୧ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ବାଘାଡ଼ି ନଈରେ କରାଯାଇଥିବା ଚାଞ୍ଚେରାଘେରି ଉଚ୍ଛେଦ ପାଇଁ ଶତାଧିକ ମହିଳା ଚାଷୀ ବୁଧବାର ଏରସମା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁସାରେ, ଏହି ବ୍ଲକ ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ କାଙ୍କଣ, ପାଟଣା, ହାତିଆପାଳ, ବାଘାଡ଼ି, ଚାଉଳିଆ ଇତ୍ୟାଦି ଗ୍ରାମର ଆର୍ଥିକ ଅନଗ୍ରସର ଗ୍ରାମବାସୀ ବାଘାଡ଼ି ନଈ ଉପରେ ନିର୍ଭରକରି ଜୀବିକା ନିର୍ବାହ କରନ୍ତି। ଏଥିସହ ନଈର ଜଳ ଉପରେ ନିର୍ଭରକରି ଚାଷୀ ଧାନଚାଷ କରନ୍ତି। ଅପରପକ୍ଷରେ ଉଦ୍‌ବୃତ୍ତ ବର୍ଷାଜଳ ଏହି ନଈ ଦେଇ ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ମାତ୍ର ପରିତାପର ବିଷୟ, କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଏହି ନଈରେ ଚାଞ୍ଚେରାଘେରି କରି ଜଳପଥ ଅବରୋଧ କରୁଛନ୍ତି। ଫଳରେ ଜଳ ନିଷ୍କାସନରେ ଏହା ବାଧକ ସାଜିଛି। ଆଞ୍ଚଳିକ ସ୍ତରରେ ଏହାର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାଞ୍ଚେରା ଘେରି ଉଚ୍ଛେଦ କରିବା ପାଇଁ ଚମ୍ପା ଗିରି, ଇନ୍ଦୁଳା ମାଇତି, ସରସ୍ୱତୀ ମାଇତି, ମାମିନା ମଣ୍ଡଳ, କାବେରୀ ପ୍ରାମାଣିକ, ଜୟନ୍ତୀ ମଣ୍ଡଳ, ଶଙ୍କର ମାନ୍ନା, କଳ୍ପନା ମଣ୍ଡଳ, ତୁଳସୀ ମଣ୍ଡଳ ପ୍ରମୁଖ ଦାବି କରିଛନ୍ତି। ସେମାନେ ଏକ ଦାବିପତ୍ର ତହସିଲଦାର ଦେବୀ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ଏ ସମ୍ପର୍କରେ ତହସିଲଦାର ଆଚାର୍ଯ୍ୟଙ୍କୁ ପଚାରିବାରୁ ତାଙ୍କ ଅଧିକାର ସମ୍ପର୍କରେ ତଦନ୍ତ କରି ପଦକ୍ଷେପ ନେବାର ବ୍ୟବସ୍ଥା କରିବି ବୋଲି କହିଥିଲେ। ନଚେତ ଅଭିଯୋଗକାରିଣୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବିଜ୍ଞାନ ହିଁ ଆଧୁନିକ ଭାରତକୁ ବଳିଷ୍ଠ କରୁଛି

## ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୨୪୨ ପ୍ରକଳ୍ପ ପ୍ରଦର୍ଶିତ




ପ୍ରକଳ୍ପକୁ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଏମ୍‌ପି ବିଭୁ ପ୍ରସାଦ ତରାଉ ବୁଲି ଦେଖୁଛନ୍ତି।

ତିର୍ତ୍ତୋଲ, ୧୩।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)

ବିଜ୍ଞାନ ହିଁ ଆଧୁନିକ ଭାରତକୁ ବଳିଷ୍ଠ କରୁଛି ବୋଲି ବକ୍ତାମାନେ କହିଛନ୍ତି। ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୪୨ ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ମେଳାକୁ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ବିଇଓ ଅକ୍ଷୟ ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟ ଅତିଥିମାନେ ହେଲେ ଜଗତ୍‌ସିଂହପୁର ଏମ୍‌ପି ବିଭୂପ୍ରସାଦ ତରାଇ, ମୁଖ୍ୟ ବକ୍ତା ଭାବେ କୃଷି ବୈଜ୍ଞାନିକ ଡ. ଦ୍ୱାରିକା ମୋହନ ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ବ୍ଲକ ବିଜ୍ଞାନ ସମିତି ସମ୍ପାଦକ କମଳ କୁମାର, ଏବିଇଓ ବିଷ୍ଣୁପ୍ରିୟା ଦେବୀ, ଜଡତିରାର ସରପଞ୍ଚ ଶିବପ୍ରସାଦ ସାହୁ ମଞ୍ଚାସୀନ ଥିଲେ। ଶିକ୍ଷକ ଅକ୍ଷୟ ନାୟକ ଅତିଥି ପରିଚୟ, ଶିକ୍ଷକ ଅମୀୟ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଯୋଗଦେଇଥିଲେ। ବିଇଓ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତା ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ଡିଆରଡିଏ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ବିଦ୍ୟାଳୟ ଆଲୁମିନି କମିଟି ସଭାପତି ଫକୀର ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଶିକ୍ଷକ ତାପସ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ନକଲି ସାର୍ଟିଫିକେଟରେ ଏମ୍‌ବିକେ ନିଯୁକ୍ତି ଅଭିଯୋଗ

ଡେରାବିଶ, ୧୩।୧୧ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ମିଶନ ଶକ୍ତି ବିଭାଗରେ ନକଲି ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଦେଇ ଜଣେ ମହିଳା ଏମବିକେ ପଦବୀରେ ନିଯୁକ୍ତି ପାଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏଭଳି ଘଟଣା ଡେରାବିଶ ବ୍ଲକ ମିଶନ ଶକ୍ତିରେ ହୋଇଥିବା ଅନିୟମିତତାକୁ ଧରାପକାଇ ଦେଇଛି।

ସୂଚନା ଅନୁଯାୟୀ, ୨୦୨୩ରେ ବ୍ଲକ ମିଶନଶକ୍ତି ବିଭାଗ ପକ୍ଷରୁ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ପଦବୀ ପାଇଁ ନିଯୁକ୍ତି ଦିଆଯାଇଥିଲା। ବ୍ଲକ ଅଧୀନ ଜଅଁରା ବାରିମୂଳ ପଞ୍ଚାୟତରେ ଏମ୍‌ବିକେ ଭାବେ ସ୍ୱୟମପ୍ରଭା ମିଶ୍ର ନିଯୁକ୍ତି କାର୍ଯ୍ୟ କରି ଆସୁଥିଲେ। ଏହି ପଦବୀ ପାଇଁ ଦ୍ୱିତୀୟ ମନୋନୀତ ପ୍ରାର୍ଥୀ ଥିବା ସୀମା ନାୟକ ସ୍ୱୟମପ୍ରଭା ନିଯୁକ୍ତି ସମୟରେ ପ୍ରଦାନ କରିଥିବା ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ନକଲି ହୋଇଥିବା ନେଇ ଡେରାବିଶ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସୀମା ସୂଚନା ଅଧିକାର ଆଇନ ବଳରେ ପାଇଥିବା ତଥ୍ୟ ଆଧାରରେ ଏହି ଅଭିଯୋଗ କରିଥିବା କହିଛନ୍ତି। ସୀମାଙ୍କ ସୂଚନା ଅନୁଯାଇ ଏମବିକେ ଭାବେ କାର୍ଯ୍ୟ କରୁଥିବା ସ୍ୱୟମପ୍ରଭା ନିଯୁକ୍ତି ସମୟରେ କଟକ ଜିଲା ଅଧୀନ ନିଶ୍ଚିତକୋଇଲି ବ୍ଲକର ବେଲେଶ୍ୱର ସଂସ୍କୃତ ମହାବିଦ୍ୟାଳୟରୁ ପାଇଥିବା ଉପଶାସ୍ତ୍ରୀ ଓ ୨୦୦୮ରେ ଶାସ୍ତ୍ରୀ ଶ୍ରେଣୀ ପରୀକ୍ଷାରେ ଫାଷ୍ଟ ଡିଭିଜନରେ ପାସ କରିଥିବା ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ନିଶ୍ଚିତକୋଇଲି ବ୍ଲକ ବିଇଓଙ୍କ ଜରିଆରେ ଉକ୍ତ କଲେଜକୁ ସୂଚନା ଅଧିକାର ଆଇନ ବଳରେ ୨୦୦୪ ଉପଶାସ୍ତ୍ରୀ ଓ ୨୦୦୮ ଶାସ୍ତ୍ରୀ ପରୀକ୍ଷାର୍ଥୀଙ୍କ ନାମ ଓ ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ବାବଦରେ ସବିଶେଷ ବିବରଣୀ ପ୍ରଦାନ ପାଇଁ ଆବେଦନ କରିଥିଲେ। ମାତ୍ର ସଂସ୍କୃତ କଲେଜ ଓ ବିଇଓଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟରେ ଉକ୍ତ ବ୍ୟାଚ ପରୀକ୍ଷାର୍ଥୀ କିମ୍ବା ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ ତାଲିକାରେ ସ୍ୱୟମପ୍ରଭାଙ୍କ ନାମ ନ ଥିବା ଜଣାଯାଇଥିଲା ବୋଲି ସୀମା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ବୁଧବାର ବିଡିଓ ନମିତା ବାରିକଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲା। ସେ କହିଲେ ଅଭିଯୋଗ ହସ୍ତଗତ ହୋଇଛି, ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ବ୍ଲକ ମିଶନଶକ୍ତି ବିଭାଗକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ସେ ଯାହା କିଛି ପଦକ୍ଷେପ ନେବେ ବୋଲି କହିଛନ୍ତି। ଅପରପକ୍ଷେ ଏମବିକେ ସ୍ୱୟମପ୍ରଭାଙ୍କୁ ଏ ନେଇ ଯୋଗାଯୋଗ କରାଯାଇଥିଲା। ସେ କହିଲେ ମନୋନୟନ ସମୟରେ ତାଙ୍କର ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସହ ଅନ୍ୟ ସମସ୍ତ କାଗଜପତ୍ର ପ୍ରଦାନ କରିଥିଲେ। ତାଙ୍କର ସମସ୍ତ ସାର୍ଟିଫିକେଟ ଯାଞ୍ଚ ପରେ ତାଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ତେବେ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ । ତଦନ୍ତ ସମୟରେ ସେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ସ୍ୱୟମପ୍ରଭା କହିଛନ୍ତି।

# କାମ କରୁନି ପୋଷ୍ୟ ସନ୍ତାନ ଗ୍ରହଣ ନିୟମ



ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ପୋଷ୍ୟ ସନ୍ତାନ ରଥକୁ ଉଦ୍‌ଘାଟନ କରୁଛନ୍ତି ।

**ନୟାଗଡ଼,୧୩।୧୧(ଲୋକନାଥ ମିଶ୍ର)**

- ପୋଷ୍ୟ ସନ୍ତାନନାମା ନ କରି ଗ୍ରହଣ କରୁଛନ୍ତି ପିତାମାତା
- ସଚେତନତା ଅଭାବରୁ ସନ୍ତାନଙ୍କ ଭବିଷ୍ୟତ ଅନ୍ଧାର

ସଚେତନତା ଅଭାବରୁ ନୟାଗଡ଼ ଜିଲାରେ ପୋଷ୍ୟ ସନ୍ତାନ ଗ୍ରହଣ ନିୟମ ଠିକ୍‌ରେ କାମ କରୁ ନ ଥିବା ଅଭିଯୋଗ ହୋଇ ଆସୁଛି । ଜନ୍ମିତ ପିତାମାତା ଓ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ପିତାମାତା ସରକାରୀ ନିୟମକୁ ଅଣଦେଖା କାରଣରୁ ପୋଷ୍ୟ ସନ୍ତାନମାନେ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ଅନ୍ୟପକ୍ଷେ ଅବାଞ୍ଛିତ, ଅବହେଳିତ ଅଥବା ପରିତ୍ୟକ୍ତ ଶିଶୁକୁ ଆପଣେଇ ନେଉଥିବା କେତେଜଣ ପିତାମାତା, କେବଳ ପୁରୁଷ ଓ ମହିଳା ମଧ୍ୟ ସରକାରୀ ନିୟମ ମୁତାବକ ପୋଷ୍ୟ ସନ୍ତାନ ଗ୍ରହଣ କରୁ ନ ଥିବାରୁ ପାଠପଢ଼ା ଓ ସମ୍ପତ୍ତି ଗତ ଅଧିକାର କ୍ଷେତ୍ରରେ ହଇରାଣ ହେଉଥିବା ପରି ଘଟଣା ଘଟୁଛି । ଅବାଞ୍ଛିତ, ଅବହେଳିତ ଅଥବା ପରିତ୍ୟକ୍ତ ଶିଶୁମାନଙ୍କୁ ଯଦିଓ ଜିଲା ସୁରକ୍ଷା ୟୁନିଟ ପକ୍ଷରୁ ଉଦ୍ଧାର କରାଯାଇ ଜିଲା ମଙ୍ଗଳ ସମିତି ଜରିଆରେ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଓ ଶିଶୁ ଗୃହରେ ରଖାଯାଉଛି ତେବେ ଅନେକ କ୍ଷେତ୍ରରେ ବହୁ ଶିଶୁ ବେସରକାରୀ ଭାବେ ପୋଷ୍ୟ ହେଉଛନ୍ତି । ସେମାନଙ୍କ ପାଖରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଥବା ଜିଲା ଶିଶୁ ମଙ୍ଗଳ ସମିତି ପହଞ୍ଚି ପାରୁ ନ ଥିବା ଅଭିଯୋଗ ହୋଇ ଆସୁଛି ।

ଏନେଇ ଗଣିଆର ସୁପ୍ରିୟା ନାୟକ, ଭାପୁରର ସୁକୁମାରୀ ସ୍ୱାଇଁ, ନୟାଗଡ଼ର ଗୋବନ୍ଦ ପ୍ରଧାନ କୁହନ୍ତି, ପୋଷ୍ୟ ସନ୍ତାନନାମା କରି କୋର୍ଟ ଜରିଆରେ ସନ୍ତାନମାନଙ୍କୁ ଗ୍ରହଣ କରିବାକୁ ଆଇନ କଡାକଡି କରାଯିବା ଦରକାର । ଅନ୍ୟପକ୍ଷେ ଅବାଞ୍ଛିତ, ଅବହେଳିତ ଅଥବା ପରିତ୍ୟକ୍ତ ଶିଶୁଙ୍କ କ୍ଷେତ୍ରରେ ଯଦିଓ ଆଇନ ରହିଛି ତେବେ ସବୁ ଶିଶୁଙ୍କୁ ଆଇନ ଅନୁସାରେ ପ୍ରଶାସନ ଉଦ୍ଧାର କରି ପାରୁ ନାହିଁ । ଏ ଦିଗରେ ବି ପଦକ୍ଷେପ ନେବା ଦରକାର । ଯେଉଁମାନେ ବେନିୟମ ଭାବେ ପୋଷ୍ୟସନ୍ତାନ ଗ୍ରହଣ କରୁଛନ୍ତି ସେମାନଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ତେବେ ଆଇନ କଡାକଡି କରାଯିବା ପୂର୍ବରୁ ସଚେନତା ସୃଷ୍ଟି କରାଯାଉ ବୋଲି କହିଛନ୍ତି । ନୟାଗଡର ଆଇନଜିବୀ ଅମୀୟ ପଟ୍ଟନାୟକ କୁହନ୍ତି, ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଜିଲା ଜଜଙ୍କ କୋର୍ଟରେ ପୋଷ୍ୟ ସନ୍ତାନ ନାମାର ଏକ ଦଲିଲ କରିବାକୁ ପଡିବ । ଜନ୍ମିତ ପିତାମାତା ଓ ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ପିତାମାତା ଏଥିପାଇଁ କୋର୍ଟକୁ ଆସବିାକୁ ପଡିବ । ପ୍ରଥମ ସନ୍ତାନ ପୋଷ୍ୟ ହୋଇ ପାରିବେ ନାହିଁ । ନାବାଳକ ହୋଇଥିଲେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିହେବ ।

ଅନ୍ୟପକ୍ଷେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ଯେଉଁ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥା ରହିଛି ସେଥିରେ ବି ଜିଲା ଜଜ କୋର୍ଟକୁ ଆସିବାକୁ ପଡିବ ବୋଲି କହିଛନ୍ତି ।

## ପ୍ରଥମରୁ ବାଟ ହୁଡ଼ିଲା ନୂଆ ଆଇନ ସଚେତନତା

ପୋଷ୍ୟ ସନ୍ତାନ ଗ୍ରହଣର ନୂଆ ନିୟମାବଳୀ ଆସିବା ପରେ ସଚେତନତା ଜରୁରୀ ହୋଇ ପଡିଛି । ପୋଷ୍ୟ ସନ୍ତାନ ଗ୍ରହଣ କରିବା ସହଜ ହେବାର କୁହାଯାଉଥିଲେ ମଧ୍ୟ ଏନେଇ ସଚେତନତା ନ ଥିବା ଅଭିଯୋଗ ହୋଇ ଆସୁଛି । ପ୍ରଶାସନ ପକ୍ଷରୁ ପୋଷ୍ୟ ସନ୍ତାନ ଉପରେ ରଥ ମାଧ୍ୟମରେ ସଚେତନତା ବୁଧବାରଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ପ୍ରଚାର ଓ ପ୍ରସାର ଠିକରେ ହେଉ ନ ଥିବା କୁହାଯାଉଛି । ପ୍ରାରମ୍ଭରୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ମଙ୍ଗଳ ସମିତି ଗଣମାଧ୍ୟମକୁ ଅଣଦେଖା କରିଛି । ସଚେତନତା କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସାମିଲ କରିନି । ଏନେଇ ପ୍ରଶ୍ନ ଉଠିବା ପରେ ବାଧ୍ୟବାଧକତାରେ ସଚେତନତା ଆରମ୍ଭ ହୋଇଥିଲେହେଁ ପ୍ରଶାସନର ସଚେତନତା ବାଟ ହୁଡିଲା ପରି ଜଣାପଡିଛି । ପ୍ରତିପାଳକ ଯତ୍ନ ବ୍ୟବସ୍ଥାରେ ପୋଷ୍ୟ ସନ୍ତାନ ଗ୍ରହଣ କରାଯାଇ ପାରିବ । ପୋଷ୍ୟ ସନ୍ତାନ ଗ୍ରହଣ କରିବାକୁ ଇଚ୍ଛୁକ ଥିବା ମା'ବାପା ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ପ୍ରତିପାଳକ ଯତ୍ନ ବ୍ୟବସ୍ଥାରେ ଆବେଦନ କରିପାରିବେ । ସେମାନଙ୍କୁ ଆବେଦନକୁ ବିଚାରକୁ ନେଇ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ଶିଶୁ ମଙ୍ଗଳ ସମିତ ୬ରୁ ୧୮ ବର୍ଷର ଶିଶୁଙ୍କୁ ୧ ବର୍ଷରୁ ଆରମ୍ଭ କରି ପ୍ରତିପାଳକ ଯତ୍ନ ବ୍ୟବସ୍ଥାରେ ହସ୍ତାନ୍ତର କରିପାରିବେ । ପରେ ମା'ବାପା ସଂପୃକ୍ତ ସନ୍ତାନଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିପାରିବେ ନଚେତ ପୁଣି ଫେରାଇ ପାରିବାର ବ୍ୟବସ୍ଥା ରହିଛି । ପୋଷ୍ୟ ସନ୍ତାନମାନଙ୍କର ଭବିଷ୍ୟତକୁ ଅସୁବିଧାକୁ ଏଡାଇବା ପାଇଁ ସରକାର ନୂଆ ପଦ୍ଧତି ଆପଣେଇଛନ୍ତି । ଏହାର ସଚେତନତା ପାଇଁ ଜିଲାସ୍ତରୀୟ ପୋଷ୍ୟ ସନ୍ତାନ ନିର୍ଦ୍ଦେଶାବଳୀ ୨୦୨୨ ଉପରେ ଏକ ତାଲିମ କାର୍ଯ୍ରକ୍ରମ ଜିଲାପାଳଙ୍କ ସଦ୍ ଭାବନା କକ୍ଷରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ସୁବାସ ଚନ୍ଦ୍ର ନାୟକ, ପୋଲିସ ଡିଏସ୍‌ପି ହେମନ୍ତ ରାଓ, ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ସବିଅନ ପ୍ରଧାନ, ଡାଇରେକ୍ଟର ପ୍ରଶାନ୍ତ ପାଲଟାସିଂ ଅତିଥି ରୂପେ ଯୋଗ ଦେଇଥିଲେ ।ସଚେତନତା କାର୍ଯ୍ୟକ୍ରମରେ ଚାଇଲଡ୍ ହେଲପ୍ ଲାଇନର ସୁଦୂର ପ୍ରସାର ନିମନ୍ତେ ପୋଷ୍ଟରଗୁଡ଼ିକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ । ପୋଷ୍ୟ ସନ୍ତାନ ଗ୍ରହଣ କରିଥିବା ଦମ୍ପତ୍ତିଙ୍କୁ ଜିଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କର୍ମଶାଳାରେ ନୟାଗଡ଼ ଜିଲାର ସମସ୍ତ ସିଡିପିଓ, ସୁପରଭାଇଜର, ନର୍ସଂ ହୋମର କର୍ମକର୍ତ୍ତା, ସାମାଜିକ ଅନୁଷ୍ଠାନ, ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନର ତତ୍ତ୍ୱାବଧାରକ, ଆଶା ସଂଯୋଜକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଯତ୍ନ ଅଧିକାରୀ ସତ୍ୟରଞ୍ଜନ ଦାସ ସଂଯୋଜନା କରିଥିଲା ବେଳେ ଅଣଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୈଳବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେଲ ଗଲେ ୪ ଅଭିଯୁକ୍ତ

## ଭାଜପା ସମର୍ଥକଙ୍କୁ ଆକ୍ରମଣ ଘଟଣା

**ନୟାଗଡ଼,୧୩।୧୧(ଲୋକନାଥ ମିଶ୍ର)**

ନୟାଗଡ ଟାଉନ ଥାନା ପୋଲିସ ଚଣ୍ଡିବସ୍ତ ଗାଁ ଭାଜପା ସମର୍ଥକଙ୍କୁ ମାରପିଟ୍ ଘଟଣାରେ ୪ ଅଭିଯୁକ୍ତ ସାରଙ୍ଗଧର ବିଶ୍ୱାଳ, ମନୋଜ ବିଶ୍ୱାଳ, ମଞ୍ଜୁବାଳା ସାମନ୍ତରାୟ ଓ ସୁଲୋଚନା ବିଶ୍ୱାଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ୪ଜଣଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଚଣ୍ଡିବସ୍ତ ଗାଁର ସୋମନାଥ ପଲେଙ୍କ ଅଭିଯୋଗ କ୍ରମେ ସମୀର ବିଶ୍ୱାଳ, ବ୍ରଜ କିଶୋରର ସାମନ୍ତରାୟ, ଶୁଭମଜ୍ୟୋତି ସାମନ୍ତରାୟ, ସାରଙ୍ଗଧର ବିଶ୍ୱାଳ, ଶିଶିର କୁମାର ବିଶ୍ୱାଳ, କାର୍ତ୍ତିକ ପ୍ରଧାନ, ଗୋବିନ୍ଦ ପ୍ରଧାନ, ଆଲୋକ ପ୍ରଧାନ, ସମୀର ପ୍ରଧାନ, ମଞ୍ଜୁଲତା ସାମନ୍ତରାୟ, ସୁମନ ଜ୍ୟୋତି ସାମନ୍ତରାୟ, ନବ କିଶୋର ମଙ୍ଗଳ, ନଣ୍ଡା ବିଶ୍ୱାଳ ପ୍ରମୁଖ ୧୩ରୁ ଊର୍ଦ୍ଧ୍ୱ ଲୋକଙ୍କ ନାମରେ ମାମଲା(ନଂ. ୪୭୩/୨୪) ରୁଜୁ ହୋଇଥିଲା । ସୋମବାର ଆକ୍ରମଣରେ ଭାଜପା ସମର୍ଥକ ବୁଦ୍ଧିଆ ପଲେଇ(୫୨), ମା ଶିଶୁଳା ପଲେଇ(୭୪), ପୁଅ ସୋମନାଥ ପଲେଇ(୨୪), ସ୍ତ୍ରୀ ଶୈଳ ପଲେଇ (୪୭) ପ୍ରମୁଖ ଆହତ ହୋଇଥିଲେ । ବୁଦ୍ଧିଆ ପଲେଇ ଓ ଶିଶୁଳା ପଲେଇଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।

# ନିଖିଳ ଓଡ଼ିଶା କଳାକାର ମହାସଂଘର ପ୍ରତିଷ୍ଠା ଦିବସ



କଳାକାରଙ୍କ ନାଟକ ପରିବେଷଣ ।

**ବ୍ରହ୍ମପୁର,୧୩।୧୧(ସ୍ମୃତି ରଞ୍ଜନ ମହାଲିକ)**

ନିଖିଳ ଓଡିଶା କଳାକାର ମହାସଂଘର ପ୍ରତିଷ୍ଠା ଦିବସ ଭଞ୍ଜ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଯାତ୍ରା କଳାକାର ରାଜେନ୍ଦ୍ର ମୋହନ ପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କଳାକାର ମହାସଂଘ ସମଗ୍ର ଓଡିଶାରେ କଳାକାରଙ୍କ ଅସ୍ମିତାର ଜାଗ୍ରତ ପ୍ରହରୀ ବୋଲି କହିଥିଲେ । ଦିବସର ପ୍ରଥମ ଦିନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ କୈଳାସ ପାଣିଗ୍ରାହୀ ଉଦଘାଟନ କରିଥିଲେ । ଦୁଆନପଲୀ ମା ମଙ୍ଗଳା ଓ କଳାପାଟ ଲୋକ ନାଟ୍ୟ ସଂଘ ପକ୍ଷରୁ ବନଜ କୁମାର ସାହୁଙ୍କ ନିର୍ଦ୍ଦେଶିତ ମହାଲକ୍ଷ୍ମୀ ପୁରାଣ ନାଟକ ପରିବେଷିତ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ନଟରାଜ ଡା ତିରୁପତି ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ନବରଙ୍ଗପୁର ବରିଷ୍ଠ କଳାକାର ସଂଘ ଉପସଭାପତି ପେଣ୍ଡ୍ରା ପ୍ରସାଦ ନାୟକ, କୋରାପୁଟ ଦେଶୀ ନାଟ୍ୟଗୁରୁ ବାଲାଜୀ ସାମନ୍ତରା, ବରିଷ୍ଠ ଗ୍ରାମୀଣ ନାଟ୍ୟ ସଂଗଠକ ତଥା କଳାକାର ସୁରେଶ ପାଣିଗ୍ରାହୀ ଓ ନାଟ୍ୟକାର ଯୁଧିଷ୍ଠର ଭଞ୍ଜ ସାମନ୍ତ ପ୍ରମୁଖ ଅତିଥି ଥିଲେ । ସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ଅତିଥି ପରିଚୟ ଦେଇଥିଲେ । କୃଷ୍ଣ ପ୍ରସାଦ ସାବତ, ପାଣ୍ଡବ ପ୍ରଧାନ, ରୁପ ଚନ୍ଦ୍ର ସାହୁ, ରାମ ପ୍ରସାଦ ସାବତ ଓ କୁନୁ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ନୟାଗଡ଼,୧୩।୧୧(ଲୋକନାଥ ମିଶ୍ର)**

ଇଟାମାଟି ଥାନା ଶରଧାପୁର ଅଞ୍ଚଳରେ ଜଣେ ୧୭ ବର୍ଷର ନାବଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି । ନାବାଳିକା ବୁଧବାର ଭୋର ୫ଟାରେ ପୋଖରୀରେ ସ୍ନାନ କରି ଫେରୁଥିବାବେଳେ ଜଣେ ଇଟାଭାଟି ଶ୍ରମିକ ତାଙ୍କୁ ବଳାତ୍କାର ଉଦ୍ଦେଶ୍ୟରେ ଟଣାଓଟଣା କରିଥିଲେ । ତେବେ ନାବାଳିକା କୌଶଳ କ୍ରମେ ଖସି ଯାଇ ଖବର ଦେବା ପରେ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ଇଟାମାଟି ଥାନା ଆଇଆଇସି ଜଗଦୀଶ କର କୁହନ୍ତି ଅଭିଯୋଗ ମିଳିନି । ଘଟଣା ଘଟିଥିବା ଜଣାପଡିଛି । ଅଭିଯୋଗ ମିଳିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଗୁଣବତ୍ତା ନିଶ୍ଚିତତା ମାନକ ପ୍ରମାଣପତ୍ର

**ନୟାଗଡ଼/ଭାପୁର , ୧୩।୧୧ (ଲୋକନାଥ ମିଶ୍ର/ଭରତ କୁମାର ବେହେରା)**

ନୟାଗଡ଼ ଜିଲା ଭାପୁର ବ୍ଲକ ଖଇରିଗାଡିଆ,ରଣପୁର ବ୍ଲକ ରାଇପଡା ଓ ଲୋଧାଚୁଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ମିଳିଲା ଗୁଣବତ୍ତା ନିଶ୍ଚିତତା ମାନକ ପ୍ରମାଣ ପତ୍ର । ଜନସ୍ୱାସ୍ଥ୍ୟ ସେବାରେ ଗୁଣାତ୍ମକ ମାନ ବୃଦ୍ଧି ସହ ରୋଗୀ ଅଧିକାର,ଗୋଷ୍ଠୀସ୍ତରୀୟ କ୍ଲିନିକାଲ ସେବା,ସଂକ୍ରମଣ ନିୟନ୍ତ୍ରଣ, ସେବାଗୁଡିକରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମିଳିଛି ଏହି ଜାତୀୟ ସ୍ୱୀକୃତି,ଯାହାକି ଗୋଷ୍ଠୀସ୍ତରୀୟ ସ୍ୱାସ୍ଥ୍ୟ ବିକାଶର ଜାତୀୟସ୍ତର ମାନଦଣ୍ଡ ପୂରଣ କରିଛି । ରାଜ୍ୟର ୧୦ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ଜାତୀୟ ଗୁଣବତ୍ତା ମାନଙ୍କ ପ୍ରମାଣପତ୍ର ମିଳିଥିବା ବେଳେ ନୟାଗଡ଼ ଜିଲାର ୩ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏହି ମାନପତ୍ର ପାଇଛି ।

### ମହିଳାଙ୍କ ସୁନାହାର ଝାମ୍ପିନେଲେ

**ବ୍ରହ୍ମପୁର, ୧୩।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

ଜଣେ ମହିଳାଙ୍କ ବେକାରୁ ସୁନା ଚେନ ଦୁର୍ବୃତ୍ତ ଝାମ୍ପି ନେଇଛନ୍ତି । ଏନେଇ ସୁମିତ୍ରା ମୁଦୁଲି ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ନଂ.୨୯୫/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ନିମଖଣ୍ଡି ଥାନା କୋଣାର୍କ ନଗର ଦିତ୍ୱୀୟ ଲାଇନରେ ରହୁଥିବା ତ୍ରିନାଥ ମୁଦୁଲିଙ୍କ ସ୍ତ୍ରୀ ସୁମିତ୍ରା ମନ୍ଦିରକୁ ସାନ୍ଧ୍ୟ ଦର୍ଶନରେ ଚାଲିଚାଲି ଯାଉଥିଲେ । ଜଣେ ଲୁଟେରା ତାଙ୍କ ସମ୍ମୁଖ ପଟରୁ ଆସି ତାଙ୍କୁ ଧକ୍କା ଦେଇ ସୁନା ହାର ଝାମ୍ପି ନେଇଥିଲେ ।

# ଶରଣକୁଳରେ ଗିରିଗୋବର୍ଦ୍ଧନ,ନୟାଗଡ଼ରେ ବାଙ୍କଚୁଡ଼ ବେଶ


ଶରଣକୁଳରେ ଶ୍ରୀଜୀଉଙ୍କ ଗିରିଗୋବର୍ଦ୍ଧନ ବେଶ ।


ନୟାଗଡ଼ର ଶ୍ରୀଜୀଉଙ୍କ ବାଙ୍କଚୁଡ଼ ବେଶ ।

**ନୟାଗଡ଼,୧୩।୧୧(ଲୋକନାଥ ମିଶ୍ର)**

ଓଡିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବା ପୀଠ ଓ ନୟାଗଡ଼ ପୁରୁଣା ସହରରେ ପଞ୍ଚୁକ ଯାତ୍ରା ଚାଲୁ ରହିଛି । ଯାତ୍ରାର ୨ୟ ଦିବସରେ ନୟାଗଡ଼ର ଶ୍ରୀଜୀଉ ବାଙ୍କଚୁଡ଼ ବେଶରେ ଦର୍ଶନ ଦେଉଛନ୍ତି । ସେହିପରି ଶରଣକୁଳରେ ପ୍ରଭୁ ଶ୍ରୀଜଗନ୍ନାଥ ଗିରି ଗୋବର୍ଦ୍ଧନ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି । ପୌରାଣିକ ମତ ଅନୁସାରେ ଦ୍ୱାପର ଯୁଗରେ ଇନ୍ଦ୍ର ଦେବତା ଗୋପବାସୀଙ୍କ ଉପରେ କୋପ ହୋଇ ଲଗାତର ୭ଦିନ ଧରି ମୁଷଳ ଧାରାରେ ବର୍ଷା କରିଥିଲେ । ବର୍ଷା ଦାଉରେ ଅତିଷ୍ଠ ହୋଇ ଗୋପବାସୀ ଶ୍ରୀ କୃଷ୍ଣଙ୍କ ଚରଣ ଆଶ୍ରିତ ହୋଇଥିଲେ । ପ୍ରଭୁ ଶ୍ରୀକୃଷ୍ଣ ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ଗିରିଗୋବର୍ଦ୍ଧନ ବେଶରେ ନିଜର କାଣି ଅଙ୍ଗୁଳିରେ ମନ୍ଦର ପାହାଡ଼କୁ ଟେକି ରଖି ଗୋପବାସୀମାନଙ୍କୁ ଆଶ୍ରୟ ଦେଇଥିଲେ । କିମ୍ବଦନ୍ତୀକୁ ଭିତ୍ତି କରି ବୁଧବାର ଜଗନ୍ନାଥଙ୍କର ଗିରି ଗୋବର୍ଦ୍ଧନ ବେଶ ଅନୁଷ୍ଠିତ ହୋଇଥିଲା । କାର୍ତ୍ତିକ ମାସ ପଞ୍ଚକ ଅବସରରେ ସନ୍ଧ୍ୟାରେ ଜଗନ୍ନାଥଙ୍କ ମନଲୋଭା ବେଶ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି ।

# କୃଷି ଗଣନା ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ

**ନୟାଗଡ,୧୩।୧୧(ଲୋକନାଥ ମିଶ୍ର)**

ନୟାଗଡ ଜିଲାପାଳଙ୍କ ମିନି କନଫରେନସ୍ ହଲରେ ଏକାଦଶତମ କୃଷି ଗଣନା ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ବୁଧବାର ଅନଷ୍ଠିତ ହୋଇଯାଇଛି । ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକାଦଶତମ କୃଷି ଗଣନାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ସର୍ଭେ ପାଇଁ ୧୧୫ ନମୁନା ଗ୍ରାମର ତାଲିକା ପ୍ରସ୍ତୁତ କରାଯାଇଛି । ନାମମାତ୍ର ଚାଷୀ, କ୍ଷୁଦ୍ରଚାଷୀ, ଅର୍ଦ୍ଧ ମଧ୍ୟମଚାଷୀ, ମଧ୍ୟମ ଚାଷୀ ଓ ବଡ଼ଚାଷୀ ବ୍ୟବହାର କରୁଥିବା ବିଭିନ୍ନ କୃଷି ଉପାଦାନ ସମ୍ବନ୍ଧୀୟ ତଥ୍ୟ ଯଥା-ରାସାୟନିକ ସାର,ଅଧିକ ଉତ୍ପାଦନକ୍ଷମ ବିହନ, କୀଟନାଶକ ଔଷଧ, ଗୋବର, କମ୍ପୋଷ୍ଟ ଖତ,ଜୈବିକ ସାର, କୃଷି ସମ୍ବନ୍ଧୀୟ ଯନ୍ତ୍ରପାତି ଓ ଉପକରଣ, କୃଷିଋଣ, ମୃତିକା ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ,କୃଷି ସମ୍ବନ୍ଧୀୟ ନେଇଥିବା ତାଲିମ ଇତ୍ୟାଦି ତଥ୍ୟ ସର୍ଭେରେ ସ୍ଥାନ ପାଇବ । ଗଣନା କାର୍ଯ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, କୃଷି ଓ ସଶକ୍ତିକରଣ ବିଭାଗ, ଯୋଜନା ଓ ସଂଯୋଜନା ପ୍ରମୁଖ ୩ ବିଭାଗର ଗଣନାକାରୀ ସାମିଲ ହେବେ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଛନ୍ତି । ବୈଠକରେ ଅତିରିକ୍ତ ଜିଲାପାଳ ଦିଲିପ କୁମାର ବଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ସହ ଅନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଗାଁମୁହାଁ ହାତୀପଲ

**ଟିକିଟି,୧୩।୧୧(ପ୍ରକାଶ ଚନ୍ଦ୍ର ସାହୁ )**

ଟିକିଟି ବ୍ଲକ କେ. ନୂଆଗାଁ ଥାନାଠାରୁ ଦେଢ଼ କିମି ଦୂର ମା' ରତନେଶ୍ୱରୀ ମନ୍ଦିର ନିକଟରେ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ ୩ ଟିକିଆ ହାତୀପଲ ମୁଖ୍ୟ ରାସ୍ତାକୁ ଚାଲି ଆସିଥିଲେ । ହାତୀପଲ ଯୋଗୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଛନ୍ତି । ଟିକିଟି ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ଗତିବିଧି ଉପରେ ନଜର ରଖିଛନ୍ତି । ସୂଚନାଯୋଗ୍ୟ, ୧ ମାସ ହେଲା ଦୁଇଟି ହାତୀ ଅଞ୍ଚଳରେ ଘୁରି ବୁଲିବା ସହ ବାରମ୍ବାର ରତନେଇ ଜଙ୍ଗଲରୁ ଗାଁମୁହାଁ ହେବା ସହ ଫସଲ ନଷ୍ଟ କରୁଛନ୍ତି ।

# ୩୦ରୁ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

**ଶରଣକୁଳ,୧୩।୧୧(ଦୀପକ କର)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ଶରଣକୁଳ ଲଡୁକେଶ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୬୩ତମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଆସନ୍ତା ୩୦ରୁ ଆରମ୍ଭ ହୋଇ ଡିସେମ୍ବର ୬ତାରିଖ ପର୍ଯ୍ୟନ୍ତ ଚାଲିବ । ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ତଥା ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି । ଏହି ପ୍ରତିଯୋଗୀତାରେ ରାଜ୍ୟ ତଥା ଦେଶର ବହୁ ଫୁଟବଲ ଖେଳାଳି ଅଂଶଗ୍ରହଣ କରିବେ । ୮ ଫୁଟବଲ ଦଳ ଏଥିରେ ଅଂଶ ଗ୍ରହଣ କରିବେ । ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉତ୍କଳ ଫୋର୍ଟିଂ ଜଟଣୀ ବନାମ ସ୍ପୋର୍ଟସ ହଷ୍ଟେଲ, କଟକ ଡିସେମ୍ବର ୧ରେ ଏ.ଜି. ରିକ୍ରିଏଶନ କ୍ଲବ, ଭୁବନେଶ୍ୱର ବନାମ ଭଞ୍ଜନଗର ଏଫ.ସି., ୨ରେ ସାଇ ହାଲ, ସୁନାବେଡା ବନାମ ୟୁନାଇଟେଡ ସ୍ପୋର୍ଟସ କ୍ଲବ, ବରଗଡ, ୩ରେ ଏମ.କେ.ଏସ.ସି ବକ୍ସର, ବିହାର ବନାମ ଜଗା ୟୁନାଇଡେଟ, ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ପ୍ରଥମ ସେମିଫାନାଲ ୪ ଡିସେମ୍ବରରେ ୩୦ ନଭେମ୍ବରର ବିଜେତା ସହ ୧ ଡିସେମ୍ବରର ବିଜେତା ମଧ୍ୟରେ ଓ ଦ୍ୱିତୀୟ ସେମିଫାଇନାଲ ୫ ଡିସେମ୍ବରରେ ୨ର ବିଜେତା ସହ ୩ର ବିଜେତା ମଧ୍ୟରେ ଅନୁଷ୍ଠିତ ହେବ ଏବଂ ଫାଇନାଲ ଖେଳ ୬ ଡିସେମ୍ବରରେ ଅନୁଷ୍ଠିତ ହେବ ।

# ନୂଆ ଜଗନ୍ନାଥ ସଡ଼କ ପ୍ରଶସ୍ତୀକରଣ କାର୍ଯ୍ୟର ଯାଞ୍ଚ

- ଯାଞ୍ଚ କଲେ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ସମେତ ୯ଜଣିଆ ଟିମ୍
- ରାସ୍ତା କାର୍ଯ୍ୟକୁ ଦେଖି ଅସନ୍ତୋଷ ବ୍ୟକ୍ତ କଲେ ଟିମ୍
- ନିମ୍ନମାନର କାର୍ଯ୍ୟ ଅଭିଯୋଗର ମିଳିଲା ପ୍ରମାଣ

**ନୟାଗଡ଼/ ରଣପୁର, ୧୩।୧୧ (ଲୋକନାଥ ମିଶ୍ର/ସୁକାନ୍ତ ଡାକୁଆ)**


ନୂଆ ଜଗନ୍ନାଥ ସଡ଼କ ପ୍ରଶସ୍ତୀକରଣ କାର୍ଯ୍ୟର ଯାଞ୍ଚ କରାଯାଉଛି ।

ବୁଧବାର ଓଡ଼ିଶା ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ସମେତ ୯ଜଣିଆ ଟିମ୍ ରଣପୁରରେ ପହଞ୍ଚି ନୂଆ ଜଗନ୍ନାଥ ସଡ଼କର ରଣପୁରଠାରୁ ଦର୍ପନାରାୟଣପୁର ୧୨ କିମି ରାସ୍ତାରୁ ୫କିମି ରାସ୍ତାକୁ ଯାଞ୍ଚ କରିଛନ୍ତି । ପ୍ରାୟ ୫ ଘଣ୍ଟା ଧରି ଯାଞ୍ଚ ଲାଗି ରହିଥିଲା । ଯାଞ୍ଚ ପରେ ରାସ୍ତା କାମ ନିମ୍ନମାନର ହୋଇଥିବା ଜଣାପଡିଛି । ସେହିପରି ରାସ୍ତା ନିର୍ମାଣରେ ବିଳମ୍ବ କରାଯାଇଥିବାରୁ ଅନୁରୂପ ଭାବେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଯାଞ୍ଚ ସମୟରେ ନୟାଗଡ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ରଣପୁର ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ । ଜଗନ୍ନାଥ ସଡ଼କ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ରଣପୁର ଏନଏସିର ପୂର୍ବତନ ଭାଇସ ଚେୟାରମ୍ୟାନ ତଥା ଭାଜପା ନେତା ପ୍ରିୟବ୍ରତ ପ୍ରହରାଜ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ରାସ୍ତା କାର୍ଯ୍ୟ ତଦନ୍ତ ହୋଇଛି । ପ୍ରକାଶଯେ ନୂଆଜଗନ୍ନାଥ ସଡ଼କର ରଣପୁରଠାରୁ ଦର୍ପନାରାୟଣପୁର ୧୩ କିମି ରାସ୍ତାର ପ୍ରଶସ୍ତୀକରଣ ପାଇଁ ୨୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା । ୨୦୨୨ ଅଗଷ୍ଟ ୮ରେ ରାସ୍ତା କାମ ଆରମ୍ଭ ହୋଇଥିଲା । ୨୦୨୩ ଅକ୍ଟୋବର ୪ ତାରିଖରେ ରାସ୍ତା କାର୍ଯ୍ୟ ଶେଷ ହେବାର ଥିଲା । ରାସ୍ତା କାର୍ଯ୍ୟଶେଷ ନ ହେବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ଠିକାଦାରଙ୍କୁ କାରଣଦର୍ଶାଅ ନୋଟସ୍ ଜାରି ହୋଇଥିଲା । ପରବର୍ତ୍ତୀ ସମୟରେ ଠିକାଦାର ରାସ୍ତାର କାର୍ଯ୍ୟ ୨୦୨୪ ଜୁଲାଇ ୩୧ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ଥିଲା । ୨୦୨୪ ଜୁଲାଇ ଯାଇ ନଭେମ୍ବର ଶେଷ ହେବାକୁ ବସିଥିବାବେଳେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନି ।

